# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-


ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | SEPTEMBER 2023 | No.07

## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୦୧:୧-୮)

୧ ମୁଁ ଦୟା ଓ ଶାସନ ବିଷୟ ଗାନ କରିବି । ହେ ସଦାପ୍ରଭୋ, ମୁଁ ତୁମ୍ଭ ଉଦ୍ଦେଶ୍ୟରେ ପ୍ରଶଂସା ଗାନ କରିବି ।

୨ ମୁଁ ବିବେଚନାପୂର୍ବକ ସିଦ୍ଧ ପଥରେ ଗମନ କରିବି; ଆହା, ତୁମ୍ଭେ କେବେ ମୋ' ନିକଟକୁ ଆସିବ ? ମୁଁ ଆପଣା ଗୃହ ମଧ୍ୟରେ ସିଦ୍ଧ ଅନ୍ତଃକରଣରେ ଆଚରଣ କରିବି ।

୩ ମୁଁ କୌଣସି ମନ୍ଦ ବିଷୟ ଆପଣା ଦୃଷ୍ଟିଗୋଚରରେ ରଖିବି ନାହିଁ; ମୁଁ ବିପଥଗାମୀମାନଙ୍କ କର୍ମ ଘୃଣା କରେ; ତାହା ମୋ'ଠାରେ ଲିପ୍ତ ହେବ ନାହିଁ ।

୪ କୁଟିଳ ଅନ୍ତଃକରଣ ମୋ' ନିକଟରୁ ଦୂର ହେବ; ମୁଁ ମନ୍ଦ ବିଷୟର ପରିଚୟ ନେବି ନାହିଁ ।

୫ ଯେଉଁ ଜନ ଗୋପନରେ ଆପଣା ପ୍ରତିବାସୀର ଅପବାଦ କରେ, ମୁଁ ତାହାକୁ ବିନାଶ କରିବି; ଯାହାର ଅହଙ୍କାର-ଦୃଷ୍ଟି ଓ ଗର୍ବୀ ଅନ୍ତଃକରଣ, ମୁଁ ତାହାକୁ ସହିବି ନାହିଁ ।

୬ ଦେଶର ବିଶ୍ୱସ୍ତ ଲୋକେ ଯେପରି ମୋ' ସଙ୍ଗେ ବାସ କରିବେ, ଏଥିପାଇଁ ସେମାନଙ୍କ ଉପରେ ମୋହର ଦୃଷ୍ଟି ରହିବ । ଯେଉଁ ଜନ ସିଦ୍ଧ ପଥରେ ଚାଲେ, ସେ ମୋହର ସେବା କରିବ ।

୭ ଯେ ପ୍ରତାରଣା କରେ, ସେ ମୋ' ଗୃହ ମଧ୍ୟରେ ବାସ କରିବ ନାହିଁ । ଯେ ମିଥ୍ୟା କହେ, ସେ ମୋ' ଦୃଷ୍ଟିଗୋଚରରେ ସ୍ଥାୟୀ ହେବ ନାହିଁ ।

୮ ମୁଁ ଅଧର୍ମାଚାରୀସମସ୍ତଙ୍କୁ ସଦାପ୍ରଭୁଙ୍କ ନଗରରୁ ଉଚ୍ଛିନ୍ନ କରିବା ନିମନ୍ତେ ପ୍ରତି ପ୍ରଭାତରେ ଦେଶର ସକଳ ଦୁଷ୍ଟ ଲୋକଙ୍କୁ ସଂହାର କରିବି ।



# ଭୟ କର ନାହିଁ !

**FEAR NOT! - Isaiah 41:10**

## ଆପଣଙ୍କ ବିଶ୍ୱାସକୁ ଉଦ୍ଧାର କରୁଥିବା ବାର୍ତ୍ତା ! ମନୋଯୋଗର ସହିତ ପାଠ କରନ୍ତୁ !!

ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍

କେତେକ ଲୋକ କହନ୍ତି, ''ମୁଁ ପ୍ରତିଦିନ ସକାଳେ ଉଠିବା ମାତ୍ରେ ଅବର୍ଣ୍ଣନୀୟ ସମସ୍ୟା ସବୁର ସମ୍ମୁଖୀନ ହୁଏ ।'' ସେଗୁଡ଼ିକ - ଶାରୀରିକ, ମାନସିକ ଓ ପାରିବାରିକ ସମସ୍ୟା । ଅନେକ ଲୋକ ଦୁଃଖ ପରେ ଦୁଃଖ ଦ୍ୱାରା ଆକ୍ରାନ୍ତ ହୋଇ ଚିନ୍ତିତ ରହନ୍ତି । ସେମାନେ ପ୍ରାୟ କହନ୍ତି, ''ଏଗୁଡ଼ିକ ଏତେ ଅଧିକ ଯେ ମୁଁ ନିୟନ୍ତ୍ରଣ କରି ପାରୁ ନାହିଁ । ମୋର ସମସ୍ୟାଗୁଡ଼ିକ ମୋତେ ପରାଜିତ କରିବା ପାଇଁ ଉଠିଛନ୍ତି । ମୁଁ କିପରି ଏସବୁ ସହ୍ୟ କରିବି ?'' ଏହା ହୁଏତ ଆଜି ଆପଣଙ୍କର ଅନୁଭୂତି ଅଟେ !

ଆମର ସେବାକାର୍ଯ୍ୟ ଏପରି ସାଧୁମାନଙ୍କଠାରୁ ଅନେକ ପତ୍ର ପାଉଅଛି ଯେଉଁମାନେ ପ୍ରତିଦିନ ଅତିରିକ୍ତ କଷ୍ଟକର ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି । କିଛି ଦିନ ପୂର୍ବେ, ମୁଁ ଏହି ପତ୍ରଗୁଡ଼ିକ ମଧ୍ୟରୁ କିଛି ପଢ଼ିବାରେ ପ୍ରାୟ ଦିନର ଅର୍ଦ୍ଧେକାଂଶ କାଟିଥିଲି ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




**ଆହ୍ୱାନର ପ୍ରତିଧ୍ୱନିର**

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!


ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ସକାଳ ୫ ଟାରେ

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

# ECHO OF HIS CALL - (1969-2019 GOLDEN JUBILEE YEAR)

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

CHIEF EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
Dr. Rabinder Boaz, M.S.
Bro. K. Puratchivendan
EDITORIAL BOARD
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

**"କ୍ଷୁଦ୍ର ଜଣକ ସହସ୍ର ହେବ ଓ ସାନ ଜଣକ ବଳବାନ୍ ଗୋଷ୍ଠୀ ହେବ, ଆମ୍ଭେ ସଦାପ୍ରଭୁ ଯଥା କାଳରେ ଏହା ଶୀଘ୍ର ଘଟାଇବା"**
**(ଯିଶାଇୟ ୬୦:୨୨)**

**ପ୍ରଭୁରେ ପ୍ରିୟ ବନ୍ଧୁଗଣ,**

ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।

ଆପଣମାନେ ସମସ୍ତେ କୁଶଳରେ ଅଛନ୍ତି ବୋଲି ଆମେ ବିଶ୍ୱାସ କରୁ । ଆମେ ପ୍ରତିଦିନ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ । ଈଶ୍ୱର ଆପଣମାନଙ୍କ ସହିତ ରହିଥିବାରୁ, ସାହସିକ ହୁଅନ୍ତୁ ।

ପ୍ରଭୁଙ୍କର ଶକ୍ତିଶାଳୀ ହସ୍ତ ଆମର ସେବାକାର୍ଯ୍ୟ ସହିତ ସଂପୃକ୍ତିରେ ଓ ଆମର ଚେଷ୍ଟା ଓ କାର୍ଯ୍ୟକଳାପରେ ଓ ଆମର ସମସ୍ତ ବର୍ତ୍ତମାନର ଯାତ୍ରାରେ ଆମକୁ ଚାଳନା ଦେଇ ଆସୁଛନ୍ତି । ପ୍ରଭୁ ଯୀଶୁ ଖ୍ରୀଷ୍ଟ ନିଦ୍ରିତ ନ ହୋଇ ଦିବାରାତ୍ର ଆମ ସହିତ ଅଛନ୍ତି । ସ୍ୱର୍ଗୀୟ ପିତା ଆପଣମାନଙ୍କୁ ମଧ୍ୟ ପ୍ରଚୁରଭାବେ ଆଶୀର୍ବାଦ କରନ୍ତୁ ।

ଆମ ସେବାକାର୍ଯ୍ୟରେ ଈଶ୍ୱରଙ୍କର ଅନେକ ଦାସ ଅଛନ୍ତି ଓ ସେମାନଙ୍କ ପରିବାରରେ ଅନେକ ଅସୁସ୍ଥ ଅଛନ୍ତି । ଦୁର୍ଭାଗ୍ୟବଶତଃ, ଏହା ସେମାନଙ୍କୁ ସଂପୂର୍ଣ୍ଣଭାବେ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାରେ ବାଧା ଦେଇଅଛି । ଆମେ ଏହି ବିଷୟରେ ଆପଣମାନଙ୍କର ଆନ୍ତରିକ ପ୍ରାର୍ଥନା ଚାହୁଁଅଛୁ । ଏହା ଅତି ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆମେ ଦୃଷ୍ଟିକୁ ଏହା ଆସିବା ଅତି ଦୁଃଖର ବିଷୟ ଯେ ଆପଣମାନଙ୍କ ମଧ୍ୟରୁ ଅନେକେ ଆମର ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଉ ନାହାନ୍ତି । ମାତ୍ର ଆମେ ପ୍ରତି ମାସ ଅତି ଯତ୍ନର ସହିତ ତାହା ଆପଣମାନଙ୍କ ନିକଟକୁ ପ୍ରେରଣ କରୁଅଛୁ ।

ଆମେ ଆମର ମାସିକ ସମ୍ବାଦପତ୍ର "ଆହ୍ୱାନର ପ୍ରତିଧ୍ୱନି"କୁ ନିମ୍ନଲିଖିତ ତାରିଖରେ ଆମର ସହକର୍ମୀମାନଙ୍କର କଠିନ ପରିଶ୍ରମ ମାଧ୍ୟମରେ ୧୬ଟି ଭାଷାରେ ନିୟମିତ ଭାବେ ଡାକ ଓ ଇ-ମେଲ୍ ମାଧ୍ୟମରେ ପ୍ରେରଣ କରୁଅଛୁ ।

| | | | |
|---|---|---|---|
| ୧. | ତାମିଲ | – | ପୂର୍ବ ମାସର ୨୮ ତାରିଖ । |
| ୨. | ଇଂରାଜୀ | – | ପ୍ରତି ମାସ ୨ ତାରିଖ । |
| ୩. | ସିଂହଳ | – | ପ୍ରତି ମାସ ୨ ତାରିଖ । |
| ୪. | ଆଫ୍ରିକାନସ | – | ପ୍ରତି ମାସ ୪ ତାରିଖ । |
| ୫. | ମାଲାୟାଲାମ | – | ପ୍ରତି ମାସ ୪ ତାରିଖ । |
| ୬. | ତେଲୁଗୁ | – | ପ୍ରତି ମାସ ୬ ତାରିଖ । |
| ୭. | ହିନ୍ଦୀ | – | ପ୍ରତି ମାସ ୯ ତାରିଖ । |
| ୮. | କନ୍ନଡ଼ | – | ପ୍ରତି ମାସ ୧୦ ତାରିଖ । |
| ୯. | ମରାଠୀ | – | ପ୍ରତି ମାସ ୧୨ ତାରିଖ । |
| ୧୦. | ଆସାମୀ | – | ପ୍ରତି ମାସ ୧୨ ତାରିଖ । |
| ୧୧. | ବଙ୍ଗଳୀ | – | ପ୍ରତି ମାସ ୧୪ ତାରିଖ । |
| ୧୨. | ଉର୍ଦ୍ଦୁ | – | ପ୍ରତି ମାସ ୧୪ ତାରିଖ । |
| ୧୩. | ନେପାଳୀ | – | ପ୍ରତି ମାସ ୧୬ ତାରିଖ । |
| ୧୪. | ଗୁଜୁରାଟୀ | – | ପ୍ରତି ମାସ ୧୬ ତାରିଖ । |
| ୧୫. | ଓଡ଼ିଆ | – | ପ୍ରତି ମାସ ୧୮ ତାରିଖ । |
| ୧୬. | ପଞ୍ଜାବୀ | – | ପ୍ରତି ମାସ ୨୦ ତାରିଖ । |

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Media Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

*ଆମର ୱେବ୍‌ସାଇଟ www.echoofhiscall.orgରେ ଏହି ସମ୍ବାଦ ପତ୍ରଗୁଡ଼ିକ ଅପ୍‌ଲୋଡ଼ ମଧ୍ୟ କରୁଅଛୁ । ସେଥିପାଇଁ ଦୟାକରି ଏହି ପଛା ମଧ ବ୍ୟବହାର କରନ୍ତୁ । ଏପରି ୭୫ ଜଣ କାର୍ଯ୍ୟକାରୀ ଅଛନ୍ତି ଯେଉଁମାନେ ଏହି ପତ୍ରିକା ପାଇବାରେ ଆପଣମାନଙ୍କୁ ସାହାଯ୍ୟ କରିବା ପାଇଁ କଠିନ ପରିଶ୍ରମ କରନ୍ତି । ''ଆହ୍ୱାନର ପ୍ରତିଧ୍ୱନି'' ପାଇଁ ବାର୍ତ୍ତାଗୁଡ଼ିକ ପ୍ରଥମେ ଇଂରାଜୀରେ ଲେଖାଯାଏ ଓ ଏହାପରେ ସେଗୁଡ଼ିକ ସଂପୃକ୍ତ ସହଯୋଗୀ ସଂପାଦକମାନଙ୍କ ଦ୍ୱାରା ଅନ୍ୟ ୧୫ଟି ଭାଷାରେ ଅନୁବାଦିତ ହୋଇ ''ଆହ୍ୱାନର ପ୍ରତିଧ୍ୱନି'' ପଦ୍ଧତି ଅନୁସାରେ ଟାଇପ୍ କରାଯାଇ ମୁଦ୍ରିତ ହୁଏ । ସେହି ପତ୍ରିକାଗୁଡ଼ିକ ଆମର ମୁଦ୍ରଣଯନ୍ତ୍ର ସାହାଯ୍ୟରେ ମୁଦ୍ରିତ ହେବା ପରେ, ହାତରେ ଠିକ୍ ଭାବରେ ମୋଡ଼ାଯାଇ, ସେଗୁଡ଼ିକୁ ଆଞ୍ଚଳିକ ଓ ରାଜ୍ୟ ଭିତ୍ତିରେ ପୃଥକ୍ କରାଯାଏ । ଏହାପରେ ଗାଡ଼ିରେ ଲଦା ଯାଇ ସଠିକ୍ ତାରିଖରେ ଡ଼ାକ କର୍ମଚାରୀମାନଙ୍କ ହସ୍ତରେ ନ୍ୟସ୍ତ କରାଯାଏ । ଦୟାକରି ଏହି ସେବାକାର୍ଯ୍ୟରେ ଅନ୍ତର୍ଭୁକ୍ତ ହୋଇଥିବା ସେହି ୭୫ ଜଣ କାର୍ଯ୍ୟକାରୀମାନଙ୍କ ବିଷୟରେ ଚିନ୍ତା କରନ୍ତୁ । ଏହି ପତ୍ରିକା ଭାଷା, ସଂସ୍କୃତି ଓ ଦେଶ ନିର୍ବିଶେଷରେ ସମଗ୍ର ପୃଥିବୀର ଅସଂଖ୍ୟ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଥିବାରୁ, ଶୟତାନ ଆମର କାର୍ଯ୍ୟକାରୀମାନଙ୍କ ଉପରେ ଦୃଷ୍ଟିନିବଦ୍ଧ କରୁଅଛି ଓ ସେମାନଙ୍କୁ ଆତ୍ମିକ ଯୁଦ୍ଧର ସମ୍ମୁଖୀନ କରାଉଅଛି । ଆପଣମାନେ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବେ କି ?*

*ଦୟାକରି ଏହି ସେବାକାର୍ଯ୍ୟର ଅଂଶ ବିଶେଷ ହେବାର କୌଣସି ମାର୍ଗ ଅନ୍ୱେଷଣ କରିବା ପାଇଁ ଆପଣମାନଙ୍କ ହୃଦୟରେ ଚିନ୍ତା କରନ୍ତୁ ।*

*ଆମ ନିମନ୍ତେ ଓ ନିଜ ନିଜ ଭାଷାରେ ଏହି ପତ୍ରିକାକୁ ପଢ଼ି ପ୍ରତି ମାସରେ ଏହାର ଉନ୍ନତି ପାଇଁ ଆମକୁ ପରାମର୍ଶ ଓ ଚିନ୍ତାଧାରା ପ୍ରଦାନ କରୁଥିବା ସ୍ୱେଚ୍ଛାସେବୀ ସଂଯୋଜକମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଆମେ ପ୍ରାର୍ଥନା ସାଥୀମାନଙ୍କୁ ଆବଶ୍ୟକ କରୁଅଛୁ । ଆମେ ଅଧିକ ଫଳପ୍ରଦ ଭାବରେ ଏହି ପ୍ରକାଶନ ସେବାକାର୍ଯ୍ୟ ସଂପାଦନ କରିବାକୁ ଇଚ୍ଛା କରୁଅଛୁ ।*



*ଆମେ ପ୍ରତ୍ୟୁତ୍ତର ନିମନ୍ତେ ଆଗ୍ରହର ସହିତ ଅପେକ୍ଷା କରୁଅଛୁ ଓ ଅତି ଧୈର୍ଯ୍ୟର ସହିତ ଆମର ସଂପାଦକୀୟ ସ୍ତମ୍ଭକୁ ପାଠ କରିଥିବାରୁ ପୁନର୍ବାର ଆପଣମାନଙ୍କୁ ଧନ୍ୟବାଦ ଜଣାଉଅଛୁ ।*

ଈଶ୍ୱରଙ୍କ ଶାନ୍ତି ଆପଣମାନଙ୍କର ସହବର୍ତ୍ତୀ ହେଉ । ଆମେନ୍ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**
**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**
(+91) 98412 71858 / 98410 71858,
E.mail : samselvaraj333@gmail.com

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଜଣେ ଧାର୍ମିକ ମହିଳା ଲେଖିଥିଲେ : ''ମୁଁ ୩୫ ବର୍ଷରୁ ଅଧିକ ସମୟ ହେଲାଣି ବିବାହିତ ହୋଇ ରହିଛି ଓ ବର୍ତ୍ତମାନ ମୁଁ ଜଣେ ପିତାମହୀ ଅଟେ । ମାତ୍ର ବର୍ତ୍ତମାନ ମୋର ପରିବାର ମୋର ସ୍ୱାମୀଙ୍କ ଦ୍ୱାରା ନଷ୍ଟ ହେଉଅଛି । ସେ ଈଶ୍ୱରଙ୍କର ଜଣେ ଅଭିଷିକ୍ତ ବ୍ୟକ୍ତି ଓ ପ୍ରଭୁଙ୍କ ଦ୍ୱାରା ପ୍ରାୟ ବ୍ୟବହୃତ ହୁଅନ୍ତି । ବର୍ତ୍ତମାନ ତାଙ୍କଠାରେ ଥିବା ଅଗ୍ନି ନିର୍ବାପିତ ହୋଇଛି ଦୟାକରି ତାଙ୍କ ନିମନ୍ତେ ଓ ମୋ' ପରିବାର ନିମନ୍ତେ ପ୍ରାର୍ଥନା କରନ୍ତୁ । ମୋ' ପ୍ରତି ତାଙ୍କର ଆଉ ପ୍ରେମ ନାହିଁ, ଓ ମୁଁ ଅତି ଦୁଃଖି ଅଟେ ।

ଏହି ମହିଳାଙ୍କ ଜୀବନରେ ଅନ୍ଧକାର ଘେରିଯାଇଛି, ତଥାପି ସେ ଏପର୍ଯ୍ୟନ୍ତ ତାଙ୍କୁ ପ୍ରେମ କରନ୍ତି ଓ ସେ ଯେପରି ତାଙ୍କର ଦୁଷ୍ଟତାର ମାର୍ଗ ଫେରି ଆସି ଈଶ୍ୱରଙ୍କର ଏକ ଗ୍ରାହ୍ୟ ଜୀବନ କାଟିବେ, ଏହା ସେ ଇଚ୍ଛା କରନ୍ତି । ମାତ୍ର ତାଙ୍କଠାରୁ ସମସ୍ତ ଆବେଗ ଦୂର ହୋଇ ଯାଇଛି ଓ ସେ ଜଣେ ଅସୁସ୍ଥ ମହିଳା ହୋଇ ଯାଇଛନ୍ତି । ସେ ପ୍ରାୟ ଚିନ୍ତା କରନ୍ତି, ''ହେ ଈଶ୍ୱର, ଏସବୁ ମୋତେ ଧ୍ୱଂସ କରିବା ପାଇଁ ଉଦ୍ଦିଷ୍ଟ । ମୁଁ ଆଉ ଏହିସବୁ ଦୁଃଖ ସହ୍ୟ କରିପାରିବି ବୋଲି ଭାବୁ ନାହିଁ । ମୁଁ କିପରି ଅଗ୍ରସର ହୋଇପାରିବି ?''

ଅନ୍ୟ ଜଣେ ମହିଳା ଲେଖିଥିଲେ : ''ମୁଁ ସାତ ବର୍ଷ ଧରି ଏକ ଭୟଙ୍କର ଅନ୍ତ୍ର ସମସ୍ୟାରେ ଆକ୍ରାନ୍ତ ଅଛି । ମୋର ସ୍ୱାମୀଙ୍କର ମଧ ସ୍ୱାସ୍ଥ୍ୟ ଖରାପ ଅଟେ । ଆମେ ଆଜେ ବାଜେ ଖର୍ଚ୍ଚ ନ କଲେ ସୁଦ୍ଧା ଆମର ଅର୍ଥ ସମସ୍ୟା ରହିଅଛି । ପୁଣି ବର୍ତ୍ତମାନ ମୋର ୮୯ ବର୍ଷ ବୟସ୍କ ବୃଦ୍ଧ ପିତା କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଆପଣ ଆମ ନିମନ୍ତେ ପ୍ରାର୍ଥନା କରନ୍ତୁ ।''

ପ୍ରତିଦିନ ଏହି ମହିଳା ଜଣେ କଷ୍ଟ ପାଉଥିବା ପିତା, ଜଣେ ଅସୁସ୍ଥ ସ୍ୱାମୀ, ଅତିରିକ୍ତ ଶାରୀରିକ ଯନ୍ତ୍ରଣା ଓ ଅର୍ଥ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେ କେତେଥର ଏହିପରି କ୍ରନ୍ଦନ କରିଥିବେ ବୋଲି ମୁଁ ଭାବେ, ''ପ୍ରଭୋ, ଏହି ଶତ୍ରୁମାନେ ମୋ' ପାଇଁ ଅତି ବଳିଷ୍ଠ ଅଟନ୍ତି । ମୋ' ପରି ଜଣେ ଦୁର୍ବଳା ଓ ଅସହାୟା ସ୍ତ୍ରୀ କିପରି ଏସବୁ ସହ୍ୟ କରିପାରିବ ? ଆମେ କିପରି ଏସବୁକୁ ନିୟନ୍ତ୍ରଣ କରିବୁ ?''

ଜଣେ ପାଳକ ଲେଖିଥିଲେ, ''ଗତ ଜୁଲାଇ ମାସରେ ମୋର ପୌରୁଷଗ୍ରନ୍ଥିରେ ଏକ ବଡ଼ ଧରଣର ଅସ୍ତ୍ରୋପଚାର ହୋଇଥିଲା କାରଣ ଏହା କର୍କଟ ଦ୍ୱାରା ଆକ୍ରାନ୍ତ ଥିଲା । ଡାକ୍ତରମାନେ ଏହାର ଚତୁଃପାର୍ଶ୍ୱସ୍ଥ ତନ୍ତୁଗୁଡ଼ିକୁ ମଧ ମାହାର କରି ଦେଇଥିଲେ ଓ ଏହା ଫଳରେ ମୋର ଜୀବନ କଷ୍ଟକର ହୋଇଯାଇଥିଲା। ମୋର ମଧୁମେହ ଓ ଉଦର ଘା' ମଧ ଅଛି । ଦୟାକରି ମୋ' ପାଇଁ ପ୍ରାର୍ଥନା କରିବେ କି ?''

ଏହି ବ୍ୟକ୍ତି ପ୍ରତିଦିନ କେତେ ବଡ଼ ବଡ଼ ରାକ୍ଷସ ମାନଙ୍କର ସମ୍ମୁଖୀନ ହେଉଛନ୍ତି ତାଙ୍କ ନିକଟରେ ଏବେ ମଧ କର୍କଟ ଅଛି ବୋଲି ସେ ଆଶଙ୍କା କରୁଛନ୍ତି । ପୁଣି ତାଙ୍କୁ ମଧୁମେହ ଓ ପାକସ୍ଥଳୀ ଘା' ସହିତ ମଧ ଯୁଦ୍ଧ କରିବାକୁ ପଡୁଛି । ସେ କେତେଥର ପଚାରିଥିବେ, ''ମୁଁ କିପରି ଏହାର ସମ୍ମୁଖୀନ ହୋଇ ଚାଲିଥିବି ? ମୁଁ କିପରି ଏସବୁକୁ ସହ୍ୟ କରିବି ?''

ପ୍ରଭୁରେ ଜଣେ ବୃଦ୍ଧା ମହିଳା ଲେଖିଥିଲେ, ''ମାର୍ଚ୍ଚ ମାସରେ ମୁଁ ୮୧ ବର୍ଷ ବୟସ୍କା ହେବି ଓ ମୋର ଆଣ୍ଠୁଗଣ୍ଠି ବାତ ଓ ମଧୁମେହ ଅଛି । ମୋର ପିଠି ଓ ଗୋଡଗୁଡ଼ିକ ଦୁର୍ବଳ ଥିବାରୁ ମୁଁ ଚାଲି ପାରେ ନାହିଁ । ମୁଁ ଏକାକୀ ରହୁଥିବାରୁ, ନିଜେ ନିଜେ ସବୁ ଗୃହ କାର୍ଯ୍ୟ କରେ । ମୋ' ପାଖରେ ବେଶୀ ଟଙ୍କା ପଇସା କିମ୍ବା ଆତ୍ମୀୟସ୍ୱଜନ ନାହାଁନ୍ତି । ଦୟାକରି ମୋ' ପାଇଁ ପ୍ରାର୍ଥନା କରନ୍ତୁ ।''

ଏହି ଯନ୍ତ୍ରଣା–ଜର୍ଜ୍ଜରିତା ମହିଳା ପ୍ରତିଦିନ ସକାଳୁ ଉଠି ଖାଦ୍ୟ ରାନ୍ଧିବା ପାଇଁ, ଗୃହ ପରିଷ୍କାର କରିବା ପାଇଁ କୌଣସି ସାହାଯ୍ୟ ବିନା ସଂଘର୍ଷ କରୁଥିବାର ମୁଁ ଦେଖୁଛି । ସେ ବେଳେ ବେଳେ ଭାବୁଥିବେ, ''ମୁଁ ଅନ୍ୟ ଗୋଟିଏ ଦିନ ଏସବୁ କିପରି କରିପାରିବି ? ଯେଉଁ ଦିନ ସକାଳେ ମୁଁ ଆଦୌ ଉଠିପାରିବି ନାହିଁ, ସେଦିନ କ'ଣ ହେବ ?''

ଅନ୍ୟ ଜଣେ ପ୍ରିୟ ଭଉଣୀ ଲେଖିଥିଲେ, ''ମୁଁ ଏବେ ଏବେ ମୋ' ସ୍ୱାମୀଙ୍କଠାରୁ ସମ୍ବାଦ ପାଇଲି ଯେ ତାଙ୍କୁ ତାଙ୍କର ଗ୍ରାସିକା ନଳୀରେ ମାରାତ୍ମକ କର୍କଟ ରୋଗ ହୋଇଛି । ସେ ଜଣେ ଧାର୍ମିକ ସ୍ୱାମୀ ଓ ମୋର ୧୪ ବର୍ଷର ପୁତ୍ରର ଏକ ଚମତ୍କାର ପିତା ଅଟନ୍ତି । ପ୍ରାର୍ଥନା କରନ୍ତୁ ଯେପରି ମୁଁ ଦୃଢ଼ ରହିବି ଓ ଏହା ମଧ ଦେଇ ମୋର ବିଶ୍ୱାସ ବୃଦ୍ଧି ପାଇବ ।''

ଆମକୁ ପତ୍ର ଲେଖିଥିବା ଅନ୍ୟ ଅନେକଙ୍କ ଭଳି ଏହି ଦୁଃଖିନୀ ମହିଳା ପ୍ରତିଦିନ ଗୋଟିଏ ବଡ଼ ସମସ୍ୟାର ସମ୍ମୁଖୀନ ହେବା ପାଇଁ ଶକ୍ତିପ୍ରାପ୍ତ ହେବାକୁ କ୍ରନ୍ଦନ କରୁଛନ୍ତି ।

ମୁଁ ମୋ' ଜୀବନକାଳ ମଧରେ ଖ୍ରୀଷ୍ଟିଆନମାନଙ୍କ ଭିତରେ, ଏହିପରି ଦୁଃଖ ଓ ଯନ୍ତ୍ରଣା ଶୁଣି ନାହିଁ – ବିବାହ,

ସଂଘର୍ଷ, ଅର୍ଥନୈତିକ ସମସ୍ୟା, ଶାରୀରିକ କ୍ଳେଶ, ଅଶେଷ ଦୁଃଖ । ଲୋକମାନେ ପଚାରୁଛନ୍ତି, ''ମୁଁ କିପରି ଏସବୁ ସହ୍ୟ କରିବି ? ଏହି ସମସ୍ତ ଶତ୍ରୁ ମୋ' ପାଇଁ ଅତି ଶକ୍ତିଶାଳୀ । ମୁଁ ଦୁର୍ବଳ, ଅସହାୟ ଓ କିଛି କରିବା ପାଇଁ ଅସମର୍ଥ ଅଟେ । ପ୍ରଭୋ, ମୁଁ ଏସବୁ ମଧ୍ୟ ଦେଇ କିପରି ଅଗ୍ରସର ହୋଇପାରିବି ?''

ସତ୍ୟ ବିଷୟ ହେଉଛି, ଏହିସବୁ ଭୟଙ୍କର ବିଷୟ ମଧ୍ୟରୁ କୌଣସିଟି ଈଶ୍ୱରଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ନାହିଁ । ମନୁଷ୍ୟଜାତି ପ୍ରତି ଘଟୁଥିବା ପ୍ରତ୍ୟେକଟି ଭୟଙ୍କର ବିଷୟ, ଏପରିକି ଆମେ ଆଜି ସମ୍ମୁଖୀନ ହେଉଥିବା ପ୍ରତ୍ୟେକଟି ବିପଦ ଓ ସମସ୍ୟାକୁ ପୂର୍ବରୁ ଦେଖିଛନ୍ତି । ପୁଣି ବାଇବଲ ଆମକୁ କହିଛି ଯେ ଆମେ କିପରି ସେଗୁଡ଼ିକର ସମ୍ମୁଖୀନ ହୋଇପାରିବୁ, ଏହା ଦେଖାଇବାକୁ ଈଶ୍ୱର ଇଚ୍ଛା କରନ୍ତି ।

ସଦାପ୍ରଭୁ ମୋଶାଙ୍କୁ ଭରସାଦାୟକ ଦୁଇଟି ଶବ୍ଦ କହିଥିଲେ ଯେଉଁଗୁଡ଼ିକ ଆଜି ଆମ ପାଇଁ ମଧ୍ୟ ଉଦ୍ଦିଷ୍ଟ ଅଟେ । ସେ ଯେପରି ଶିକ୍ଷା ଦେଇଛନ୍ତି, ସେହିପରି ଯଦି ଆମେ କରିବା, ତେବେ ଆମେ କେବଳ ଆମର ପରୀକ୍ଷା ମଧ୍ୟ ଦେଇ ଗତି କରିପାରିବା, ତା' ନୁହେଁ, ମାତ୍ର ଆମ ପ୍ରତି କରିଥିବା ପ୍ରତିଜ୍ଞାରେ ପ୍ରଭୁ ଯେ ବିଶ୍ୱସ୍ତ ଅଟନ୍ତି, ଏହା ମଧ୍ୟ ଆମେ ଆବିଷ୍କାର କରିବା :

## ୧. ଈଶ୍ୱର ଆମର ଶତ୍ରୁମାନଙ୍କ ମଧ୍ୟରୁ କାହାରିକୁ ଭୟ ନ କରିବା ପାଇଁ ଆମକୁ ଆଦେଶ ଦେଇଛନ୍ତି !

**''... ତୁମ୍ଭେ ସେମାନଙ୍କଠାରୁ ଭୀତ ହେବ ନାହିଁ''** (ଦ୍ୱିତୀୟ ବିବରଣ ୭:୧୮) । ଇସ୍ରାଏଲ ପାଇଁ ''ସେମାନଙ୍କଠାରୁ''ର ଅର୍ଥ ଥିଲା, ପ୍ରତିଜ୍ଞାତ ଦେଶରେ ସେମାନେ ସମ୍ମୁଖୀନ ହେବାକୁ ଯାଉଥିବା ବିଶାଳ, ଉତ୍ତମଭାବେ ଅସ୍ତ୍ରାନ୍ୱିତ ବିଧର୍ମୀ ଦେଶଗୁଡ଼ିକ । ଆଜି ଆମ ପାଇଁ ''ସେମାନେ'' ଜୀବନରେ ଆମ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ସମସ୍ୟା, କ୍ଳେଶ ଓ ବହୁ ପରିମାଣର କଷ୍ଟର ପ୍ରତିନିଧିତ୍ୱ କରେ ।

ଆପଣ ପଚାରନ୍ତି, ''କାହିଁକି ଆମେ ଭୟ କରିବା ଉଚିତ ନୁହେଁ ?'' କାରଣ ଈଶ୍ୱର ସେହିପରି କହନ୍ତି । ଅନ୍ୟ କୌଣସି ସ୍ପଷ୍ଟୀକରଣ ଆବଶ୍ୟକ ନୁହେଁ । ଈଶ୍ୱର ସର୍ବଶକ୍ତିମାନ, ଯଥେଷ୍ଟ ଓ ପ୍ରଚୁର ଅଟନ୍ତି – ପୁଣି ଆମେ ସମ୍ମୁଖୀନ ହେଉଥିବା ଶୟତାନର ଦୃଢ଼ ଗଡ଼ ବିଷୟରେ ସେ ସଚେତନ ଅଟନ୍ତି । ଆମ ପ୍ରତି ନିକ୍ଷିପ୍ତ ହେବାକୁ ଯାଉଥିବା ପ୍ରତ୍ୟେକଟି ଫାନ୍ଦ, କ୍ଳେଶ ଓ ପ୍ରଲୋଭନକୁ ସେ ଜାଣନ୍ତି । ପୁଣି ଆମକୁ ଆଜ୍ଞା ଦେଇଛନ୍ତି, ''ତୁମ୍ଭେମାନେ ସେମାନଙ୍କ ମଧ୍ୟରୁ କାହାରିକୁ ଭୟ କରିବ ନାହିଁ ।''

ଈଶ୍ୱର ଅବ୍ରହାମ୍‌ଙ୍କୁ ଏହି ଆଦେଶ ଦେଇଥିଲେ । ଏଠାରେ ଜଣେ ବ୍ୟକ୍ତି ଗୋଟିଏ ଅଜ୍ଞାତ ଦେଶରେ ବାସ କରୁଥିଲେ ଓ ତାଙ୍କର ଶେଷ ଦଶା କ'ଣ ହେବ, ଏହା ନ ଜାଣି ଶକ୍ତିଶାଳୀ ରାଜାମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲେ । ମାତ୍ର ତାଙ୍କ ପ୍ରତି ଈଶ୍ୱରଙ୍କ ପ୍ରଥମ ବାକ୍ୟ ଥିଲା, **''ଭୟ କର ନାହିଁ !'' ... ସଦାପ୍ରଭୁଙ୍କର ବାକ୍ୟ ଅବ୍ରାମଙ୍କ ନିକଟରେ ଉପସ୍ଥିତି ହେଲା, ହେ ଅବ୍ରାମ୍, ଭୟ କର ନାହିଁ, ଆମ୍ଭେ ତୁମ୍ଭର ଢାଲ ଓ ମହାପୁରସ୍କାର ସ୍ୱରୂପ''** (ଆଦିପୁସ୍ତକ ୧୫:୧) ।

ଏହି ଶେଷ ପଦର ଅର୍ଥ ହେଉଛି, ''ଆମ୍ଭେ ତୁମ୍ଭ ଚତୁଃପାର୍ଶ୍ୱରେ ଏକ ପ୍ରାଚୀର, ତୁମ୍ଭର ସୁରକ୍ଷାଦାତା, ତୁମ୍ଭର ରକ୍ଷକ ହେବା ।''

ପ୍ରକୃତରେ, ଈଶ୍ୱର ଅବ୍ରହାମଙ୍କୁ କହୁଥିଲେ, ''ତୁମ୍ଭେ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛ । ମାତ୍ର ଆମ୍ଭେ ସେଗୁଡ଼ିକର ମଧ୍ୟ ଦେଇ ତୁମ୍ଭକୁ ସୁରକ୍ଷା ଦେବା ।'' ଅବ୍ରହାମ ତାଙ୍କ ପ୍ରତି ଥିବା ଈଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରିବା ଦ୍ୱାରା ପ୍ରତ୍ୟୁତ୍ତର ଦେଇଥିଲେ, **''... ସେ ସଦାପ୍ରଭୁଙ୍କଠାରେ ବିଶ୍ୱାସ କରନ୍ତେ, ସେ ତାଙ୍କ ପକ୍ଷରେ ତାକୁ ଧାର୍ମିକତା ବୋଲି ଗଣନା କଲେ''** (ଆଦି ୧୫:୬) ।

ଏହି ସମାନ ବାକ୍ୟ ଅବ୍ରହାମ୍‌ଙ୍କ ପୁତ୍ର, ଇସ୍‌ହାକ୍‌ଙ୍କ ନିକଟକୁ ମଧ୍ୟ ଆସିଥିଲା । ସେ ଏକ ଶତ୍ରୁତାପୂର୍ଣ୍ଣ ପରିବେଶରେ ଏହିପରି ପଲେଷ୍ଟିୟମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲେ ଯେଉଁମାନେ ତାଙ୍କୁ ଘୃଣା କରୁଥିଲେ, ତାଙ୍କୁ ହଇରାଣ କରୁଥିଲେ ଓ ସେମାନଙ୍କ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବାକୁ ଇଚ୍ଛା କରୁଥିଲେ । ଧର୍ମଶାସ୍ତ୍ର କହେ ଯେ ଇସ୍‌ହାକ୍ ଯେତେଥର ଜଳ ନିମନ୍ତେ କୂପ ଖନନ କରୁଥିଲେ, ସେତେଥର ପଲେଷ୍ଟିୟମାନେ ସେଗୁଡ଼ିକୁ ପୂର୍ଣ୍ଣ କରୁଥିଲେ : **''...ତାଙ୍କ ପିତାଙ୍କ ଦାସମାନେ ଯେଉଁ ଯେଉଁ କୂପ ଖୋଳିଥିଲେ, ପଲେଷ୍ଟିୟ ଲୋକମାନେ ମୃତ୍ତିକା ଦ୍ୱାରା ସେ ସବୁ ପୋତି ପକାଇଲେ''** (ଆଦି ୨୬:୧୫) ।

ଇସ୍‌ହାକ୍ ଯେଉଁ ଯେଉଁ ସ୍ଥାନକୁ ଯାଉଥିଲେ, ସେ ସେହି ସମାନ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏପରିକି ସେ ଗୋଟିଏ କୂପକୁ ''ଏଷକ୍'' ନାମ ପ୍ରଦାନ କରିଥିଲେ, ଯାହାର ଅର୍ଥ ''ବିବାଦ'' । ମନେହୁଏ, ଇସ୍‌ହାକ୍ ତାଙ୍କ ଜୀବନରେ ବିବାଦ ବ୍ୟତୀତ ଅନ୍ୟ କିଛି ଅନୁଭବ କରି ନ ଥିଲେ । ସେ ନିଶ୍ଚୟ ଭାବିଥିବେ, ''ମୁଁ କିପରି ମୋର ପରିବାର ଓ ମୋର ପଲକୁ ଖାଦ୍ୟ ଓ ଜଳ ଯୋଗାଇବି ? ପୁଣି ମୁଁ କିପରି ମୋର ସନ୍ତାନମାନଙ୍କୁ ନିର୍ଭୟରେ ପ୍ରତିପାଳନ କରିବି କାରଣ ଯେ କୌଣସି ସମୟରେ ପଲେଷ୍ଟିୟମାନେ ଲୁଣ୍ଠନ କରିପାରନ୍ତି ? ହେ ଈଶ୍ୱର, ମୋତେ କାହିଁକି ଏଠାରେ ସ୍ଥାପନ କରିଛନ୍ତି ? ମୁଁ କିପରି ଏସବୁକୁ ସହ୍ୟ କରିପାରିବି ?''

ସନ୍ଦେହର ଏହି ମେଘ ଇସ୍‌ହାକ୍‌ଙ୍କ ଉପରେ ଜମାଟ ବାନ୍ଧୁଥିବା ସମୟରେ, ଈଶ୍ୱର ତାଙ୍କୁ ସେହି ସମାନ ବାକ୍ୟ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

नहेम्याह बाइबल कॉलेज
रेसिडेन्शल कॉलेज, चेन्नई।
माध्यम: हिन्दी
सदस्यता के लिए पंजीकृत उम्मीदवार - ATA
सुविख्यात अंतर्राष्ट्रीय मसीही अगुवे तथा पिछले 54 वर्षों से सेवारत वरिष्ठ पासवान
Diploma in Ministry : One year
Diploma in Theology : Two years
Bachelor of Theology : Three years
योग्यता 10 वी या अधिक
जल्दी करें!
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ऑनलाइन कक्षाएं उपलब्ध हैं ✶

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ସେପ୍ଟେମ୍ବର ୧୯ ରୁ ୨୦୨୩ ଅକ୍ଟୋବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ସେପ୍ଟେମ୍ବର ୧୯ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟର ୫୫ତମ ବାର୍ଷିକୀ ପାଳନ ଉପରେ ଆଶୀର୍ବାଦ କରିଥିବାରୁ ।

ସେପ୍ଟେମ୍ବର ୨୦ ⇨ ଆମର ପତ୍ରିକାକୁ ଆମ ଛାପାକଳରେ ୧୬ଟି ଭାଷାରେ ଛପାଇ ଓ ପ୍ରକାଶ କରି ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ ।

ସେପ୍ଟେମ୍ବର ୨୧ ⇨ ଆମର ପ୍ରାର୍ଥନାସାଥୀ, ସଭ୍ୟସଭ୍ୟା, ବିଶ୍ୱାସସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ପ୍ରତି ଦୟା କରିଥିବାରୁ ।

ସେପ୍ଟେମ୍ବର ୨୨ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟର କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଇଥିବାରୁ ।

ସେପ୍ଟେମ୍ବର ୨୩ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ୟୁ-ଟ୍ୟୁବ୍ ଗଣମାଧ୍ୟମ ସେବାକାର୍ଯ୍ୟର ୫ ମିନିଟର ବାର୍ତ୍ତା ଯୋଗୁ ମିଳୁଥିବା ସାକ୍ଷ୍ୟଗୁଡ଼ିକ ଦ୍ୱାରା ଆମକୁ ଆଶୀର୍ବାଦ କରିଥିବାରୁ ।

ସେପ୍ଟେମ୍ବର ୨୪ ⇨ ଆମର ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ, ନିହିମିୟା ବାଇବଲ କଲେଜ ଓ ବାଇବଲ କରେସ୍‌ପଣ୍ଡେନ୍ସ ପାଠ୍ୟକ୍ରମ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ସେପ୍ଟେମ୍ବର ୨୫ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ନିମନ୍ତେ ସମର୍ପିତ ସଂଯୋଜକମାନଙ୍କୁ ପାଇବାରେ ଆମକୁ ସାମର୍ଥ୍ୟ ଦେଇଥିବାରୁ ।

ସେପ୍ଟେମ୍ବର ୨୬ ⇨ ମିଶନ କର୍ମଚାରୀମାନଙ୍କଠାରୁ ମିଳୁଥିବା ବଡ଼ ସମର୍ପଣ ନିମନ୍ତେ ।

ସେପ୍ଟେମ୍ବର ୨୭ ⇨ ଆମର ଛାପାକଳ ଓ ଦକ୍ଷ କାର୍ଯ୍ୟକାରୀମାନଙ୍କ ସହିତ ଏହାର ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ ।

ସେପ୍ଟେମ୍ବର ୨୮ ⇨ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ପାଇଁ ନୂତନ ଛାତ୍ରମାନଙ୍କୁ ଯୋଗାଇଥିବାରୁ ।

ସେପ୍ଟେମ୍ବର ୨୯ ⇨ ଆମ ବାଇବଲ କରେସ୍‌ପଣ୍ଡେନ୍ସ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେନ୍ସ ପାଠ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ।

ସେପ୍ଟେମ୍ବର ୩୦ ⇨ ଭେଲାଚେରୀସ୍ଥିତ ଆମର ଆବାସିକ ନିହିମିୟା ବାଇବଲ କଲେଜ ନିମନ୍ତେ ମେଟ୍ରୋ-ଜଳ ଓ ନର୍ଦ୍ଦମା ସଂଯୋଗ ପାଇବା ପାଇଁ ଆମକୁ ସାହାଯ୍ୟ କରିଥିବାରୁ ।

ଅକ୍ଟୋବର ୧ ⇨ 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରୁଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କ ଦ୍ୱାରା ଆମକୁ ଆଶୀର୍ବାଦ କରିଥିବାରୁ ।

ଅକ୍ଟୋବର ୨ ⇨ ମୁଖ୍ୟ ଉପାସନାଳୟ ଓ ଶାଖା ଉପାସନାଳୟଠାରେ ଆମର ରବିବାର ଉପାସନାରେ ଈଶ୍ୱରଙ୍କ ବାକ୍ୟରେ ଥିବା ଶକ୍ତି ନିମନ୍ତେ ।

ଅକ୍ଟୋବର ୩ ⇨ ବରିଷ୍ଠ ପାଳକ ଓ ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ନିମନ୍ତେ ।

## ପ୍ରାର୍ଥନାର ବିଷୟ

ଅକ୍ଟୋବର ୪ ⇨ ଭାରତର ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଆମକୁ ସାହାଯ୍ୟ କରିବା ନିମନ୍ତେ ।

ଅକ୍ଟୋବର ୫ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ନିମନ୍ତେ ।

ଅକ୍ଟୋବର ୬ ⇨ ଆମର ଅଫିସ୍ କର୍ମଚାରୀ ଓ ଛାପାକଳର କର୍ମଚାରୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଅକ୍ଟୋବର ୭ ⇨ ଆମର ସାଂଧ୍ୟ ଓ ଆବାସିକ ନିହିମିୟା ବାଇବଲ କଲେଜର ଛାତ୍ରମାନଙ୍କ ସୁରକ୍ଷା ନିମନ୍ତେ ।

ଅକ୍ଟୋବର ୮ ⇨ ଏହି ମାସର ଆବଶ୍ୟକତାକୁ ଈଶ୍ୱର ଯେପରି ପୂରଣ କରିବେ ।

ଅକ୍ଟୋବର ୯ ⇨ ଆମ ସେବାକାର୍ଯ୍ୟର ସଂପ୍ରସାରଣ ଓ ସୁସମାଚାରର ବିଶ୍ୱବ୍ୟାପୀ ପ୍ରସାର ।

ଅକ୍ଟୋବର ୧୦ ⇨ ନିଜ ଆତ୍ମ ଜୀବନୀ ଲେଖିବାରେ ଆମର ବରିଷ୍ଠ ପାଳକଙ୍କର ସଫଳତା ନିମନ୍ତେ ।

ଅକ୍ଟୋବର ୧୧ ⇨ ପୃଥିବୀରେ ଯେପରି ଶାନ୍ତି ଆସିବ ।

ଅକ୍ଟୋବର ୧୨ ⇨ ସମଗ୍ର ପୃଥିବୀର ମିଶନେରୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଅକ୍ଟୋବର ୧୩ ⇨ ଈଶ୍ୱରଙ୍କ ଦୟା ଓ ଅନୁଗ୍ରହ ଯେପରି ମଣିପୁର ରାଜ୍ୟ ଉପରେ ବୃଷ୍ଟି ହେବ ଓ ମୈତେଇ ଓ କୁକୀ ସଂପ୍ରଦାୟ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ହେବ ।

ଅକ୍ଟୋବର ୧୪ ⇨ ଆମର ଇଂରାଜୀ ସହଯୋଗୀ ସଂପାଦକ ଡ.ରିଚାର୍ଡ ଶାମୁୟେଲ ଓ ମରାଠୀ ସହଯୋଗୀ ସଂପାଦକ ଭାଇ ଶଶିକାନ୍ତ ତିୱାରୀଙ୍କ ପତ୍ନୀ ଶ୍ରୀମତୀ ସୁୱାର୍ତ୍ତାଙ୍କର କ୍ଷିପ୍ର ସୁସ୍ଥତା ନିମନ୍ତେ ।

ଅକ୍ଟୋବର ୧୫ ⇨ ଅର୍ଥନୈତିକ ମାନ୍ଦାବସ୍ଥା ଯେପରି ଶୀଘ୍ର ସମାପ୍ତ ହେବ ।

ଅକ୍ଟୋବର ୧୬ ⇨ ପ୍ରାକୃତିକ ବିପର୍ଯ୍ୟୟରୁ ସମଗ୍ର ଜଗତର ଲୋକମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ଦେବା ନିମନ୍ତେ ।

ଅକ୍ଟୋବର ୧୭ ⇨ ଈଶ୍ୱର ଯେପରି ସମସ୍ତ ଦେଶକୁ ଈଶ୍ୱର ଭୟାଳୁ ଲୋକମାନଙ୍କୁ ଯୋଗାଇବେ ।

ଅକ୍ଟୋବର ୧୮ ⇨ ଦଳିତ ଲୋକମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ।

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

କହିଥିଲେ ଯାହା ସେ ଅବ୍ରହାମ୍‌ଙ୍କୁ କହିଥିଲେ, **"...ଆମ୍ଭେ ତୁମ୍ଭ ପିତା ଅବ୍ରହାମ୍‌ଙ୍କ ପରମେଶ୍ୱର ଅଟୁ, ଭୟ କର ନାହିଁ, କାରଣ ଆମ୍ଭେ ଆପଣା ଦାସ ଅବ୍ରହାମ୍‌ଙ୍କ ଲାଗି ତୁମ୍ଭର ସହାୟ ଅଟୁ ଓ ତୁମ୍ଭକୁ ଆଶୀର୍ବାଦ କରି ତୁମ୍ଭର ବଂଶ ବୃଦ୍ଧି କରିବା"** (ଆଦିପୁସ୍ତକ ୨୬:୨୪) ।

ଆଜି, ଇସ୍‌ହାକ୍‌ଙ୍କ ଭଳି, ଆମେ ମଧ୍ୟ ଅବ୍ରହାମ୍‌ଙ୍କ ସନ୍ତାନ ଅଟୁ । ପୁଣି ଈଶ୍ୱର ଅବ୍ରହାମ୍ ଓ ତାଙ୍କ ବଂଶ ନିକଟରେ ଯେଉଁ ପ୍ରତିଜ୍ଞା କରିଥିଲେ, ସେହି ସମାନ ପ୍ରତିଜ୍ଞା ଆମ ନିକଟରେ ମଧ୍ୟ କରିଛନ୍ତି । **"... ଯଦି ତୁମ୍ଭେମାନେ ଖ୍ରୀଷ୍ଟଙ୍କର, ତେବେ ତୁମ୍ଭେମାନେ ତ ଅବ୍ରହାମଙ୍କ ବଂଶ, ପ୍ରତିଜ୍ଞାନୁସାରେ ଉତ୍ତରାଧିକାରୀ"** (ଗାଲାତୀୟ ୩:୨୯) । ଆମେ ସମସ୍ତେ ସେହି ସମାନ ଈଶ୍ୱରଙ୍କର ସେବା କରୁଛୁ ଯିଏ ଅବ୍ରହାମ୍‌ଙ୍କର ଗୋଟିଏ ଢ଼ାଲ ଥିଲେ । ପୁଣି ସେ ଶକ୍ତିପୂର୍ଣ୍ଣ ଭାବରେ ଆମ ସହିତ ଅଛନ୍ତି ।

ଆମର ସ୍ୱର୍ଗୀୟ ପିତା ଆମ ଜୀବନର ପ୍ରତିଟି ପଦକ୍ଷେପ ପ୍ରତି ଦୃଷ୍ଟି ରଖନ୍ତି । ପୁଣି ଆମର ସମସ୍ତ ବିପଦ ଓ କଷ୍ଟ ସତ୍ତ୍ୱେ, ସେ ଆମକୁ ଧର୍ମଶାସ୍ତ୍ରରେ ବାରମ୍ବାର ଆଦେଶ ଦେଇଛନ୍ତି, "ଭୟ କର ନାହିଁ ।" ଆମେ ଏହା ବିଶ୍ୱାସ କରିବା ଉଚିତ୍ ନୁହେଁ ଯେ ଆମର ସମସ୍ୟା ସବୁ ଆମକୁ ଅବନତ କରି ଧ୍ୱଂସ କରିବ – କାରଣ ସେ ଆମର ଢ଼ାଲ ଅଟନ୍ତି ବୋଲି ଆମକୁ ଜାଣିବାକୁ ହେବ ।

**"ହେ ଇସ୍ରାଏଲ, ତୁମ୍ଭେ ଧନ୍ୟ ଅଟ, ତୁମ୍ଭ ତୁଲ୍ୟ କିଏ ଅଛି ? ତୁମ୍ଭେ ସଦାପ୍ରଭୁଙ୍କ ଦ୍ୱାରା ଉଦ୍ଧାରପ୍ରାପ୍ତ ଲୋକ, ସେ ତୁମ୍ଭର ଉପକାର ରୂପ ଢ଼ାଲ ଓ ସେ ତୁମ୍ଭର ମାହାତ୍ମ୍ୟରୂପ ଖଡ୍‌ଗ । ଏଣୁ ତୁମ୍ଭର ଶତ୍ରୁମାନେ ଆପେ ତୁମ୍ଭର ବଶୀଭୂତ ହେବେ, ପୁଣି ତୁମ୍ଭେ ସେମାନଙ୍କ ଉଚ୍ଚସ୍ଥଳୀମାନ ଦଳନ କରିବ"** (ଦ୍ୱି. ବିବରଣ ୩୩:୨୯) । ଈଶ୍ୱର ଆମକୁ କହୁଛନ୍ତି, "ଆମ୍ଭେ ଯେ ତୁମ୍ଭକୁ ପରିତ୍ୟାଗ କରିଅଛୁ, ଏହା ମିଥ୍ୟା ଅଟେ ! ଏହା ମଧ୍ୟ ମିଥ୍ୟା ଅଟେ ଯେ ଆମ୍ଭେ ତୁମ୍ଭ ପ୍ରତି କ୍ରୋଧାନ୍ୱିତ ଅଟୁ ଓ ନିଜ ଶତ୍ରୁମାନଙ୍କ ବିରୁଦ୍ଧରେ ନିଜେ ଲଢ଼ିବା ପାଇଁ ତୁମ୍ଭକୁ ଆମ୍ଭେ ପରିତ୍ୟାଗ କରିଅଛୁ । ସେଗୁଡ଼ିକ ଶୟତାନର ସମସ୍ତ ମିଥ୍ୟା ଅଟେ ।"

**ମୁଁ ସେହି ସମସ୍ତ ଖ୍ରୀଷ୍ଟିଆନଙ୍କୁ ସମ୍ବୋଧନ କରିବାକୁ ଚାହେଁ ଯେଉଁମାନେ ଏକ ଅଭ୍ୟାସ ଗତ ପାପ ସହିତ ସଂଘର୍ଷ କରୁଛନ୍ତି ।**

ଆପଣ ପ୍ରତିଦିନ ଏକ ଅଭ୍ୟାସଗତ ଲାଳସା କିମ୍ବା ଅଭ୍ୟାସ ପାଇଁ ଦୁଃଖ ଓ ବିରକ୍ତିର ସହିତ ଶଯ୍ୟାତ୍ୟାଗ କରନ୍ତି କି ? ଏହା ଭାବି ଆପଣ ଅତ୍ୟାଚାରିତ ହୁଅନ୍ତି କି, "ଏହି ଭୟଙ୍କର ବିଷୟ ଏପର୍ଯ୍ୟନ୍ତ ମୋ'ଠାରେ ଜୀବିତ ଅଛି ?"

ଆପଣଙ୍କ ହୃଦୟ ମଧ୍ୟରେ ରହିଥିବା ସମସ୍ତ ପାପ ବିଷୟରେ ଈଶ୍ୱର ଜାଣନ୍ତି । ପୁଣି ଏହାକୁ ଆପଣ କିପରି ଘୃଣା କରନ୍ତି ଓ ଏଥିପାଇଁ କିପରି କ୍ରନ୍ଦନ କରନ୍ତି, ଏହା ମଧ୍ୟ ସେ ଜାଣନ୍ତି । ବର୍ତ୍ତମାନ ଆପଣ ଏହି ବାକ୍ୟ ଶୁଣନ୍ତୁ ବୋଲି ସେ ଇଚ୍ଛା କରନ୍ତି : "ଭୟ କର ନାହିଁ ! ଆମ୍ଭେ ତୁମ୍ଭର ଢ଼ାଲ, ତୁମ୍ଭର ସୁରକ୍ଷାଦାତା, ତୁମ୍ଭର ରକ୍ଷକ, ତୁମ୍ଭର ସମସ୍ତ ଶତ୍ରୁ ବିରୁଦ୍ଧରେ ପବିତ୍ରତା ରୂପକ ଖଡ୍‌ଗ ଅଟୁ । ଆମ୍ଭେ ତୁମ୍ଭ ପାଇଁ ପ୍ରଲୋଭନରୁ ବାହାରିବାର ମାର୍ଗ ଜାଣୁ । ପୁଣି ଆମ୍ଭେ ତୁମ୍ଭକୁ ଯୁଦ୍ଧ କରିବା ଶିକ୍ଷା ଦେବୁ ।"

ଦାଉଦ ଏହା ଜାଣିଥିଲେ । ସେଥିପାଇଁ ସେ କହି ପାରିଥିଲେ, **"...ମୁଁ କୌଣସି ଆପଦକୁ ଭୟ କରିବି ନାହିଁ"** (ଗୀତ ୨୩:୪) । ସେ ଏହା ଉପଲବ୍ଧି କରିଥିଲେ ଯେ ଯଦି ସେ ଭୟ କରିବେ, ତେବେ ଶୟତାନ ବିଜୟୀ ହେବ ।

ପ୍ରିୟ ବନ୍ଧୁ, ଠିକ୍ ଏହି ମାର୍ଗରେ ଶତ୍ରୁ ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟ କରେ । ଆପଣ ଆପଣଙ୍କର ପାପ ବିଷୟରେ ଭୀତ ହୁଅନ୍ତୁ ବୋଲି ସେ ଇଚ୍ଛା କରେ । ଭୟ କଲେ ଆପଣ ଆଦୌ ଉଦ୍ଧାର ପାଇବେ ନାହିଁ, ଆଦୌ ମୁକ୍ତ ହେବେ ନାହିଁ । ମାତ୍ର ଈଶ୍ୱର ସମସ୍ତ ଦୁଃଖିତ, ଆଘାତପ୍ରାପ୍ତ ସାଧୁମାନଙ୍କୁ କହିଛନ୍ତି, "ଭୟ କର ନାହିଁ ! ମୁଁ ତୁମ୍ଭମାନଙ୍କର ସମସ୍ତ ଦୁଃଖ ଦେଖିଛି ଓ ଜାଣିଛି । ପୁଣି ଆମ୍ଭେ ତୁମ୍ଭମାନଙ୍କୁ ଧ୍ୱଂସ କରିବା ପାଇଁ ଶୟତାନକୁ ଅନୁମତି ଦେବା ନାହିଁ ।"

ଆପଣ ପଚାରି ପାରନ୍ତି, "ମାତ୍ର ମୋତେ କ'ଣ କରିବାକୁ ହେବ ? ଏହି ସମସ୍ତ ପରିସ୍ଥିତିରେ ମୋ' ନିକଟରେ କିପରି ପ୍ରଭୁଙ୍କ ଶାନ୍ତି ଓ ବିଶ୍ରାମ ରହିପାରିବ ?"

ଏହାର ଉତ୍ତର ମୋଶା ଓ ଇସ୍ରାଏଲ ପ୍ରତି ଥିବା ଈଶ୍ୱରଙ୍କ ବାକ୍ୟରେ ମିଳେ । ସେମାନଙ୍କ ସମ୍ମୁଖରେ ଗୋଟିଏ ସମୁଦ୍ର ଓ ସେମାନଙ୍କ ପଛରେ ଏକ ଶତ୍ରୁ ଥିଲା । ଫେରିବା ପାଇଁ କୌଣସି ସ୍ଥାନ ନ ଥିଲା । ଈଶ୍ୱର ସେମାନଙ୍କୁ ଆଦେଶ ଦେଇଥିଲେ, **"... ତୁମ୍ଭେମାନେ ଭୟ କର ନାହିଁ । ସୁସ୍ଥିର ହୁଅ, ସଦାପ୍ରଭୁ ଆଜି କିପ୍ରକାରେ ତୁମ୍ଭମାନଙ୍କୁ ଉଦ୍ଧାର କରିବେ, ତାହା ଦେଖ, ... ପରମେଶ୍ୱର ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ତୁମ୍ଭେମାନେ ନୀରବ ରହିବ"** (ଯାତ୍ରା ୧୪:୧୩-୧୪) ।

ଏହି ଶେଷ ପଦ, "ନୀରବ ରହିବ''ର ଅର୍ଥ କ'ଣ ? ଏହାର ଅର୍ଥ ହେଉଛି, ଚିନ୍ତା କରିବାର କିମ୍ବା ଉପାୟ ଖୋଜି ବାହାର କରିବା ପାଇଁ ଚେଷ୍ଟା କରିବାର କୌଣସି ଆବଶ୍ୟକତା ନାହିଁ । ଅର୍ଥାତ୍, ସେ ଇସ୍ରାଏଲକୁ ଯେପରି ନିର୍ଦ୍ଦେଶ ଦେଇଥିଲେ, ସେହିପରି ଯେତେବେଳେ ସେ ଆପଣଙ୍କୁ ମଧ୍ୟ ନିର୍ଦ୍ଦେଶ ଦେବେ, ସେତେବେଳେ **"ଅଗ୍ରସର ହୁଅନ୍ତୁ"** (ଯାତ୍ରା ୧୪:୧୫) ।

ଯିହୋଶୂୟ ମଧ୍ୟ କଷ୍ଟକର ଶତ୍ରୁମାନଙ୍କର ସମ୍ମୁଖୀନ ହୋଇଥିଲେ । ତାଙ୍କୁ ଓ ତାଙ୍କର ସୈନ୍ୟବାହିନୀଙ୍କୁ ଗିବିୟୋନ ଦିଗକୁ ସାରା ରାତି ଅଗ୍ରସର ହେବାକୁ ପଡ଼ିଥିଲା ଯେଉଁଠାରେ ସେମାନେ ୫ ଜଣ ରାଜାଙ୍କର


**ନିହିମିଆ ବାଇବଲ ସାଂଧ୍ୟ କଲେଜ**

ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

ECHO OF HIS CALL 1969-2019 REACHING NATIONS

**ମାଧ୍ୟମ ~ ତାମିଲ**

ATA NEHEMIAH BIBLE COLLEGE CHENNAI Regd. Candidate for Membership ★ ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୪ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

Diploma in Ministry : One year
Diploma in Theology : Two years
Bachelor of Theology : Three years

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : **The Chairman, Nehemiah Bible College.**

**10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.**
**Phone : (+91-44) 2852 8282, Cell : (+91) 98410 71852 / 95661 31858**
E.mail : sam@echoofhiscall.org / Website : www.echoofhiscall.org

ମିଳିତ ବିଶାଳ ସୈନ୍ୟବାହିନୀର ସମ୍ମୁଖୀନ ହୋଇଥିଲେ । ଯିହୋଶୂୟ ଯୁଦ୍ଧ କ୍ଷେତ୍ର ପ୍ରତି ଦୃଷ୍ଟିପାତ କରି ଶକ୍ତିଶାଳୀ ରଥାରୋହୀ ଓ ତାଲିମପ୍ରାପ୍ତ ଅଶ୍ୱାରୋହୀମାନଙ୍କୁ ଦେଖିଥିଲେ । ମାତ୍ର ତାଙ୍କ ନିକଟରେ ଦଳେ କ୍ଲାନ୍ତଶ୍ରାନ୍ତ ଅକୁଶଳୀ ଲୋକ ଥିଲେ । ସେହି ମୁହୂର୍ତ୍ତରେ, ବିଷାଦର ଏକ ମେଘ ଯିହୋଶୂୟଙ୍କୁ ଫେରି ଯାଇଥିବ । ସେ ହୁଏତ ଭାବିଥିଲେ, ‘‘ପ୍ରଭୋ, ଆମେ କେବଳ ଏପର୍ଯ୍ୟନ୍ତ ଆସିଅଛୁ – ବର୍ତ୍ତମାନ ଆମକୁ ଏହି ବଳିଷ୍ଠ ଶତ୍ରୁ ସହିତ ଯୁଦ୍ଧ କରିବାକୁ ହେବ । ଆମେ କ’ଣ କରିବୁ, ଦୟାକରି ଆମକୁ କୁହନ୍ତୁ ।’’

ଧର୍ମଶାସ୍ତ୍ର କହେ, **‘‘... ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, ଭୟ ନ କର, କାରଣ ଆମ୍ଭେ ସେମାନଙ୍କୁ ତୁମ୍ଭ ହସ୍ତରେ ସମର୍ପଣ କଲୁ, ସେମାନଙ୍କ ମଧ୍ୟରୁ ଜଣେ ହେଲେ ତୁମ୍ଭ ସମ୍ମୁଖରେ ଛିଡ଼ା ହୋଇ ପାରିବ ନାହିଁ’’** (ଯିହୋଶୂୟ ୧୦:୮) ।

ଯୁଦ୍ଧକୁ ଯିବା ପୂର୍ବରୁ ହିଁ ଈଶ୍ୱର ବିଜୟ ଘୋଷଣା କରିଥିଲେ । ସେ କହିଥିଲେ, ‘‘ବିଜୟ ଘଟିସାରିଛି ! ଯୁଦ୍ଧ ପରେ, ଏହି ଶତ୍ରୁମାନଙ୍କ ମଧ୍ୟରେ ଜଣେ ସୁଦ୍ଧା ତିଷ୍ଠି ରହିବ ନାହିଁ । ବର୍ତ୍ତମାନ ଆମ୍ଭେ ତୁମ୍ଭକୁ ବିଜୟର ପ୍ରତିଜ୍ଞା ଦେଇଛୁ ବୋଲି ଜାଣି, ଅଗ୍ରସର ହୁଅ ଓ ଯୁଦ୍ଧ କର ।’’

ତାହା କ୍ରୁଶର ବାର୍ତ୍ତା ଅଟେ । ଆମ ନିମନ୍ତେ ବିଜୟ ସଂଘଟିତ ହୋଇ ସାରିଛି । ଆମେ ଯେଉଁ ସମସ୍ୟାର ସମ୍ମୁଖୀନ ହେଲେ ସୁଦ୍ଧା, ଆମ ସମ୍ମୁଖରେ ଯେତେ ଶକ୍ତିଶାଳୀ ଅସୁବିଧା ରହିଥିଲେ ସୁଦ୍ଧା, ଆମର ବିଜୟ ସୁନିଶ୍ଚିତ ଅଟେ । ‘‘... ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ’’ (ରୋମୀୟ ୮:୩୭) ।

ଏହା କ’ଣ ଏହି ବିଷୟକୁ ସୂଚିତ କରେ ଯେ ଆମକୁ କିଛି କରିବାକୁ ହେବ ନାହିଁ – ଆମକୁ ଠିଆ ହୋଇ ଆମର ସମସ୍ତ ଶତ୍ରୁକୁ ହତ୍ୟା କରିବା ପାଇଁ ଈଶ୍ୱର ଯେପରି ଜଣେ ଦୂତଙ୍କୁ ପ୍ରେରଣ କରିବେ, ଏଥିପାଇଁ ଆମକୁ ଅପେକ୍ଷା କରିବାକୁ ପଡ଼ିବ ? ନା – ଆଦୌ ନୁହେଁ ! ଯଦିଓ ଈଶ୍ୱର ଆମର ବିଜୟ ଘୋଷଣା କରି ସାରିଛନ୍ତି, ତଥାପି ସେ ଆମ ନିମନ୍ତେ ଆମର କାର୍ଯ୍ୟ କରିବେ ନାହିଁ । **‘‘ସେଥି ସଙ୍ଗେ ସଙ୍ଗେ ଯଦ୍ଦ୍ୱାରା ପାପାତ୍ମାର ଅଗ୍ନିବାଣ ସବୁ ନିର୍ବାଣ କରିବାକୁ ସମର୍ଥ ହୁଅ, ସେହି ବିଶ୍ୱାସରୂପ ଢ଼ାଲ ଧର । ପୁଣି, ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍‌ଗ, ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର’’** (ଏଫିସୀୟ ୬:୧୬,୧୭) ।

ଆମକୁ ଶତ୍ରୁ ସହିତ ଯୁଦ୍ଧ କରିବା ପାଇଁ ଗୋଟିଏ ଖଡ୍‌ଗ ଧରିବାକୁ ହେବ । ଭିନ୍ନତା ହେଉଛି, ଈଶ୍ୱର ଯେ ଆମକୁ ଶକ୍ତିଯୁକ୍ତ କରିବା ପାଇଁ ପ୍ରତିଜ୍ଞା କରିଛନ୍ତି, ଏହା ବିଶ୍ୱାସ କରି ଆମକୁ ଏହା କରିବାକୁ ହେବ : **‘‘... ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି, ତାହାଙ୍କର ଧନ୍ୟବାଦ ହେଉ’’** (୧ କରିନ୍ଥୀୟ ୧୫:୫୭) ।

ପବିତ୍ର ଆତ୍ମା ଆମ ବିଶ୍ୱାସ ପ୍ରତି ପ୍ରତିକ୍ରିୟା ଦେଖାନ୍ତି । ଯେତେବେଳେ ଆମେ ତାଙ୍କ ନିକଟରେ ପ୍ରାର୍ଥନା କରୁ, ସେତେବେଳେ ସେ ଶାରୀରିକ କର୍ମଗୁଡ଼ିକୁ ନିପାତ କରିବା ପାଇଁ ଅଲୌକିକ ଶକ୍ତି ସହିତ ଆମ ଉପରେ ଅବତରଣ କରନ୍ତି । ଆମର କାର୍ଯ୍ୟ ହେଉଛି, ବିଶ୍ୱାସ ଓ ଏହାପରେ ଈଶ୍ୱର ଆତ୍ମା ଯେ ଆମ ବିରୁଦ୍ଧରେ ଆସୁଥିବା ମନ୍ଦଶକ୍ତିର ପ୍ରତିରୋଧ କରିବେ, ଏହା ବିଶ୍ୱାସ କରି ଚାଲିବା ।

**୨. ଈଶ୍ୱର କିପରି ଅତୀତରେ ଆମର ସମସ୍ତ ଶତ୍ରୁଙ୍କୁ ପରାଜିତ କରିଥିଲେ, ଏହା ସ୍ମରଣ କରିବା ପାଇଁ ଈଶ୍ୱର ଆମକୁ ଆଦେଶ ଦେଇଛନ୍ତି ।**

ମୋଶା ଇସ୍ରାଏଲକୁ ନିର୍ଦ୍ଦେଶ ଦେଇଥିଲେ, **‘‘...ତୁମ୍ଭେ ସେମାନଙ୍କଠାରୁ ଭୀତ ହେବ ନାହିଁ । ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଫାରୋ ଓ ସମସ୍ତ ମିଶର ପ୍ରତି ଯେ ଯେ କର୍ମ କରିଅଛନ୍ତି, ତୁମ୍ଭେ ନିଜ ଆଖିରେ ଯେଉଁ ମହା ମହା ପରଖ ଦେଖିଅଛ ଓ ଯେଉଁ ଯେଉଁ ଚିହ୍ନ ଓ ଆଶ୍ଚର୍ଯ୍ୟ କ୍ରିୟା ଓ ପରାକ୍ରାନ୍ତ ହସ୍ତ ଓ ବିସ୍ତାରିତ ବାହୁ ଦ୍ୱାରା ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭକୁ ବାହାର କରି ଆଣିଅଛନ୍ତି, ତାହା ସବୁ ଉତ୍ତମ ରୂପେ ସ୍ମରଣ କରିବ । ତୁମ୍ଭେ ଯେଉଁମାନଙ୍କୁ ଭୟ କରୁଅଛ, ସେ ସମସ୍ତ ଲୋକଙ୍କ ପ୍ରତି ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତଦ୍ରୂପ କରିବେ’’** (ଦ୍ୱିତୀୟ ବିବରଣ ୭:୧୭–୧୯) ।

କେତେ ଶକ୍ତିଶାଳୀ ବାର୍ତ୍ତା ! ମୋଶା ଇସ୍ରାଏଲୀୟମାନଙ୍କୁ ସ୍ମରଣ କରାଇ ଦେଇଥିଲେ, ତୁମ୍ଭେମାନେ ଯେଉଁ ଶତ୍ରୁର ସମ୍ମୁଖୀନ ହେଲେ ସୁଦ୍ଧା, ସେମାନଙ୍କ ଉପରେ ତୁମ୍ଭମାନଙ୍କୁ ବିଜୟ ଦେବେ ବୋଲି ଈଶ୍ୱର ପ୍ରତିଜ୍ଞା କରିଛନ୍ତି । ସେ ଫାରୋଙ୍କ ହସ୍ତରୁ ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କୁ ଉଦ୍ଧାର କରିଥିଲେ ଓ ସେ ଆଜି ତୁମ୍ଭମାନଙ୍କ ନିମନ୍ତେ ମଧ୍ୟ ସମାନ କାର୍ଯ୍ୟ କରିବେ ।’’

**‘‘... ତୁମ୍ଭେ ଯାବଜ୍ଜୀବନ ମିସର ଦେଶରୁ ଆପଣା ବାହାରିବାର ଦିନ ସ୍ମରଣ କରିବ’’** (ଦ୍ୱି.ବିବରଣ ୧୬:୮) । **‘‘ପୁଣି ତୁମ୍ଭେ ଯେ ମିସରର ବନ୍ଧା ଦାସ ହୋଇଥିଲ, ତାହା ସ୍ମରଣ କରିବ ...’’** (ଦ୍ୱି.ବିବରଣ ୧୬:୧୨) ।

ଲୋକମାନଙ୍କ ପ୍ରତି ମୋଶାଙ୍କର ଅନୁରୋଧ ଥିଲା, ‘‘ଅତୀତକୁ ସ୍ମରଣ କର ! ଯଦି ଏଠାରେ ଏହି ପ୍ରାନ୍ତରରେ ତୁମ୍ଭମାନଙ୍କ ପାଇଁ ଏକ କଷ୍ଟକର ସମୟ ଅଛି ବୋଲି ତୁମ୍ଭେମାନେ ଭାବୁଛ, ତେବେ ମିଶରରେ ତୁମ୍ଭେମାନେ ଯେଉଁ ସବୁ ଆତଙ୍କର ସମ୍ମୁଖୀନ ହୋଇଥିଲ, ସେହିସବୁ ବିଷୟ ଚିନ୍ତା କର । ଯେତେବେଳେ ତୁମ୍ଭେମାନେ ସମସ୍ତେ ଦାସ ଥିଲ, ସେତେବେଳେ ତୁମ୍ଭମାନଙ୍କ ଜୀବନ କିପରି ଥିଲା, ତାହା ଭୁଲ ନାହିଁ । ପୁଣି ତୁମ୍ଭମାନଙ୍କୁ ଉଦ୍ଧାର କରିବା ପାଇଁ ଈଶ୍ୱର କରିଥିବା ପ୍ରତ୍ୟେକଟି ବିଷୟକୁ ସ୍ମରଣ କର ।’’

ଯିଶାଇୟ ଭାବବାଦୀ ମଧ୍ୟ ଏପରି ଦଳେ ଲୋକଙ୍କୁ ଈଶ୍ୱରଙ୍କ ବାକ୍ୟ କହିଥିଲେ ଯେଉଁମାନେ ଭୟରେ ପରିପୂର୍ଣ୍ଣ ଥିଲେ । ଏହା ଏପରି ଏକ ସମୟ ଥିଲା ଯେତେବେଳେ ଈଶ୍ୱର ସେମାନଙ୍କୁ ପରିତ୍ୟାଗ କରିଛନ୍ତି ବୋଲି ଇସ୍ରାଏଲ ବିଶ୍ୱାସ କରୁଥିଲା । ସେମାନଙ୍କର ଶତ୍ରୁ ସେମାନଙ୍କ ପ୍ରତି କ’ଣ କରିପାରିବ ଭାବି ସେମାନେ ଭୟରେ ଥରୁଥିଲେ । ମାତ୍ର ଯିଶାଇୟ ସେମାନଙ୍କୁ ଭରସା ଦେଇଥିଲେ :

**‘‘ଯେ ତୁମ୍ଭମାନଙ୍କୁ ସାନ୍ତ୍ୱନା କରନ୍ତି, ସେ ଆମ୍ଭେ, ଆମ୍ଭେ ହିଁ ଅଟୁ, ମୃତ୍ୟୁର ଅଧୀନ ମନୁଷ୍ୟକୁ ଓ ଯେ ତୃଣ ତୁଲ୍ୟ କରାଯିବ, ଏପରି ମନୁଷ୍ୟର ସନ୍ତାନକୁ**


**ବିନାମୂଲ୍ୟରେ ମାସିକ ପତ୍ରିକା ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।**

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ–ମେଲ, ହ୍ୱାଟସ୍–ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **‘‘ଆହ୍ୱାନର ପ୍ରତିଧ୍ୱନି’’** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।



**କର ରିହାତି**

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*‘‘ଯେ ପାଠ କରେ, ସେ ବୁଝୁ’’ (ମାଥିଉ ୨୪:୧୫)*

## ଦୀର୍ଘ ଦାଢ଼ୀ ସହିତ ସୁନ୍ଦର ବ୍ୟକ୍ତି

ମୁଁ ଚେନ୍ନାଇ (ମାଡ୍ରାସ)ର ଆକବର ସାହିବ ଷ୍ଟ୍ରିଟ ନାମକ ସ୍ଥାନରେ ଆମ ପ୍ରଥମ ମଣ୍ଡଳୀ ବ୍ୟବହାର ନିମନ୍ତେ ମୋର ଭଡ଼ା ଗୃହର ଅଧିକାଂଶ ସ୍ଥାନ ପ୍ରଦାନ କରିଥିଲି । ଆମର ସମସ୍ତ ପ୍ରତିବେଶୀ ମୁସଲମାନ ଭାଇ ଥିଲେ ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରକୁ ପସନ୍ଦ କରୁ ନ ଥିଲେ । ମାତ୍ର ଈଶ୍ୱର କେବଳ ସେହି ଅଞ୍ଚଳରେ ତାଙ୍କର କାର୍ଯ୍ୟ କରିବା ପାଇଁ ମୋତେ ପ୍ରେରଣା ଦେଇଥିଲେ ।

ବ୍ୟକ୍ତିଗତ ସୁସମାଚାର ପ୍ରଚାର ଓ ମୋର ଅନ୍ୟାନ୍ୟ ସୁସମାଚାର କାର୍ଯ୍ୟ ସହିତ, ମୁଁ ପ୍ରତି ରବିବାର ସକାଳ ୯ଟାରେ ମଣ୍ଡଳୀ ଉପାସନା ଆରମ୍ଭ କରୁଥିଲି । ଉପାସନାରେ, ମୋର ବାଦ୍ୟଯନ୍ତ୍ର ଏକର୍ଡିଆନ ବ୍ୟବହାର କରି ଗୀତ ଗାଇବା ଓ ପ୍ରଭୁଙ୍କ ଉପାସନା କରିବା ମୋର ଅଭ୍ୟାସ ଥିଲା ଯେପରିକି ମୋ’ ସମ୍ମୁଖରେ ଏକ ବିଶାଳ ଜନ ସମାବେଶ ରହିଛି ବୋଲି ମୁଁ ଭାବୁଥିଲି । ସେହି ଅଞ୍ଚଳର ଲୋକମାନେ ଓ ସାଧାରଣ ଜନତା ସେହି ଧ୍ୱନି ବିଷୟରେ ଅତି ଖୁସି ନ ଥିଲେ । ସେଥିପାଇଁ ପ୍ରଥମ କିଛି ବର୍ଷ ଧରି ଲୋକମାନଙ୍କର ଯୋଗଦାନ ଅତି ସ୍ୱଳ୍ପ ଥିଲା ।

୧୯୮୪ର ଗୋଟିଏ ନିର୍ଦ୍ଦିଷ୍ଟ ରବିବାର ସକାଳେ, ମୁଁ ମଣ୍ଡଳୀ ଉପାସନା ପାଇଁ ସ୍ଥାନ ପ୍ରସ୍ତୁତ କରୁଥିଲି ଓ ଉପାସନା ପାଇଁ ସମସ୍ତ ଆୟୋଜନ କରୁଥିଲି । ମୁଁ ଅତି ଉଦ୍‌ଯୋଗର ସହିତ ପ୍ରାର୍ଥନା କରି, ପ୍ରଭୁ ଯେପରି ଉପାସନା ମଧ୍ୟକୁ, ଅନ୍ତତଃ, ଅଳ୍ପ କିଛି ଲୋକଙ୍କୁ ଆଣିବେ, ଏଥିପାଇଁ ମୁଁ ଅପେକ୍ଷା କରୁଥିଲି । ସେହିଦିନ କେହି ନ ଆସିବାରୁ, ମୁଁ ମୋ’ ଆତ୍ମାରେ କ୍ଳାନ୍ତ ଅନୁଭବ କରିଥିଲି ଓ ଶାରୀରିକ ଭାବେ ଅବସାଦଗ୍ରସ୍ତ ହୋଇଥିଲି । ସେଥିପାଇଁ ମୁଁ ମୋ’ ଗୃହର ଅନ୍ୟ ଗୋଟିଏ କୋଠରୀକୁ ଯାଇ ଏକ ଭଗ୍ନ ହୃଦୟ ସହିତ ଶୋଇଗଲି ।

**‘‘ତହିଁରେ ସଦାପ୍ରଭୁଙ୍କ ଦୂତ ତାହାଙ୍କୁ ଦର୍ଶନ ଦେଇ କହିଲେ, ହେ ମହାବିକ୍ରମଶାଳୀ ଲୋକ, ସଦାପ୍ରଭୁ ତୁମ୍ଭ ସଙ୍ଗେ ଅଛନ୍ତି’’ (ବିଚାରକର୍ତ୍ତା ୬:୧୨) ।**

### HANDSOME MAN WITH LONG BEARD!

ସେହି ସମୟରେ, ମୁଁ ଏକ ଦର୍ଶନ ପାଇଲି । ଦୀର୍ଘ ଦାଢ଼ୀ ଥିବା ଜଣେ ବୃଦ୍ଧ ଓ ସୁନ୍ଦର ବ୍ୟକ୍ତି ମୁଖ୍ୟ ଦ୍ୱାର ଦେଇ ମଣ୍ଡଳୀ କକ୍ଷ ମଧ୍ୟରେ ପ୍ରବେଶ କଲେ । ବହୁ ସଂଖ୍ୟକ ଲୋକ ତାଙ୍କ ପଛେ ପଛେ ଆସୁଥିଲେ । ମାତ୍ର ସେମାନଙ୍କ ମୁଖ ସ୍ପଷ୍ଟ ଭାବରେ ଦିଶୁ ନ ଥିଲା । ଲୋକମାନଙ୍କ ସହିତ ଆସି, ସେ ଲାଇଟ ଜଳାଇଲେ, ଫ୍ୟାନ୍ ଅନ୍ କଲେ ଓ ଆଣ୍ଠୁ ଭାଙ୍ଗି ଜୀବିତ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା ଓ ଉପାସନା କରିବା ଆରମ୍ଭ କଲେ । ଏତେ ଜୋର୍‌ରେ ଶବ୍ଦ ଶୁଭିଲା ଯେ ମୁଁ ଶୋଇ ପାରି ନ ଥିଲି । ସେଥିପାଇଁ ମୁଁ ଉଠି ଅତି ଭୟ ଓ ଭକ୍ତିର ସହିତ କକ୍ଷ ମଧ୍ୟରେ ପ୍ରବେଶ କଲି, ମାତ୍ର ସେଠାରେ କେହି ନ ଥିଲେ । ସେହି ବ୍ୟକ୍ତି ଓ ଲୋକମାନେ ହଠାତ୍ ସେହି କକ୍ଷରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ ।

କିଛି ସମୟ ପରେ, ରେଭ.ଡ.ବେଭିନ୍ ଲରେନ୍‌ସ ନାମକ ଈଶ୍ୱରଙ୍କର ଜଣେ ଦାସ ଓ ତାଙ୍କର ପତ୍ନୀ ଶ୍ରୀମତୀ ଶେରେନା ବେଭିନ୍ ସେମାନଙ୍କର ନବଜାତ ଶିଶୁ ସହିତ ମଣ୍ଡଳୀ ମଧ୍ୟକୁ ପ୍ରବେଶ କରିଥିଲେ । ସେମାନେ ସେହିଦିନ ମଣ୍ଡଳୀକୁ ଆସିବା ପାଇଁ ଆତ୍ମାଙ୍କ ଦ୍ୱାରା ପ୍ରେରଣା ପାଇଥିଲେ । ପୁନର୍ବାର କିଛି ସମୟ ପରେ, ଆଉ କେତେକ ନୂତନ ଲୋକ ମଧ୍ୟ ଆସି ଉପାସନାରେ ଯୋଗ ଦେଇଥିଲେ ଓ ଏହାପରେ ଈଶ୍ୱର ଆମ ମଣ୍ଡଳୀକୁ ଅଧିକରୁ ଅଧିକ ଆଶୀର୍ବାଦ କରିବା ଆରମ୍ଭ କରିଥିଲେ ।

ଆମର ଈଶ୍ୱର ସବୁ ସମୟରେ ଉତ୍ତମ ଅଟନ୍ତି । ସେ ଯେ କୌଣସି ବ୍ୟକ୍ତିର ଜୀବନରେ, ଯେ କୌଣସି ସମୟରେ, ଯେ କୌଣସି ମାର୍ଗରେ ଆଶ୍ଚର୍ଯ୍ୟକର୍ମ ସାଧନ କରିପାରନ୍ତି । ଆପଣ ଆଜି ଆପଣଙ୍କ ନିଜ ଜୀବନରେ ମଧ୍ୟ ଏକ ସ୍ୱର୍ଗୀୟ ହସ୍ତକ୍ଷେପ ପାଇଁ ତାଙ୍କୁ ବିଶ୍ୱାସ କରିପାରିବେ ।

★★★

---

**ଭୟ କରୁଅଛ । ପୁଣି, ଆକାଶମଣ୍ଡଳ ବିସ୍ତାରକାରୀ ଓ ପୃଥିବୀର ଭିତ୍ତିମୂଳ ସ୍ଥାପନକାରୀ ତୁମ୍ଭ ନିର୍ମାଣକର୍ତ୍ତା ସଦାପ୍ରଭୁଙ୍କୁ ଭୁଲିଅଛ ଓ ଉପଦ୍ରବୀ ବିନାଶ କରିବାକୁ ଉଦ୍ୟତ ହେବା ବେଳେ ତାହାର କୋପ ସକାଶୁ ଦିନଯାକ ନିରନ୍ତର ଭୟ କରୁଅଛ ଯେ ତୁମ୍ଭେ, ତୁମ୍ଭେ ତ କିଏ ? ଆଉ, ସେ ଉପଦ୍ରବୀର କୋପ କାହିଁ ?’’** (ଯିଶାଇୟ ୫୧:୧୨–୧୩) ।

ଈଶ୍ୱର ଭାବବାଦୀଙ୍କ ମାଧ୍ୟମରେ କହିଥିଲେ, ‘‘ଆପଣ ଭୟ କରନ୍ତି କାରଣ ମୁଁ କିଏ, ତାହା ତୁମ୍ଭେମାନେ ଭୁଲିଅଛ । ତୁମ୍ଭେମାନେ ତୁମ୍ଭମାନଙ୍କୁ ଉଦ୍ଧାର କରିବା ପାଇଁ ରହିଥିବା ମୋର ଶକ୍ତି ଓ ସାମର୍ଥ୍ୟ ଅପେକ୍ଷା ଅଧିକ ତୁମ୍ଭମାନଙ୍କର କ୍ଲେଶ ପ୍ରତି ହିଁ ଦୃଷ୍ଟିପାତ କରୁଅଛ । ମୋର ହସ୍ତ ଏପର୍ଯ୍ୟନ୍ତ ତୁମ୍ଭମାନଙ୍କ ଉପରେ ଅଛି ବୋଲି ତୁମ୍ଭେମାନେ ଭୁଲିଯାଇଛ ।’’

ତୁମ୍ଭେମାନେ ତୁମ୍ଭମାନଙ୍କ ଜୀବନରେ ଈଶ୍ୱର କରିଥିବା ଆଶ୍ଚର୍ଯ୍ୟକର୍ମ ସବୁ ଭୁଲି ଯାଇଅଛ । ତୁମ୍ଭେମାନେ ହୁଏତ ଭାବୁଛ, ‘‘ମୋର ଜୀବନ ଗୋଟିଏ ଦୀର୍ଘ, କଷ୍ଟକର ଦୁଃଖସ୍ୱପ୍ନରେ ପରିଣତ ହୋଇଛି । ମୋ’ ନିକଟରେ ଆନନ୍ଦ କରିବା ପାଇଁ ବେଶୀ କିଛି ନାହିଁ । ଯେତେବେଳେ ମୁଁ ଈଶ୍ୱରଙ୍କ ଆଶ୍ଚର୍ଯ୍ୟକର୍ମର ଅନୁଭୂତି ପାଇ ନାହିଁ, ସେତେବେଳେ ମୁଁ କିପରି ସେଗୁଡ଼ିକୁ ସ୍ମରଣ କରିବି ?’’

ଆପଣଙ୍କୁ ଏହା ବୁଝିବାକୁ ହେବ ଯେ ଆମର ଅନୁଭୂତି ବିଶ୍ୱାସକୁ ପ୍ରେରଣା ଦେଇ ପାରେ । ମାତ୍ର ସେଗୁଡ଼ିକ ଆମ ବିଶ୍ୱାସର ମୂଳଦୁଆ ହେବା ପାଇଁ ଉଦ୍ଦିଷ୍ଟ ନୁହେଁ । ସେଥିପାଇଁ ଈଶ୍ୱରଙ୍କ ବାକ୍ୟ ସର୍ବଦା ଯୀଶୁ ଖ୍ରୀଷ୍ଟ କରିଥିବା କାର୍ଯ୍ୟ ପ୍ରତି ଆମକୁ ନିର୍ଦ୍ଦେଶିତ କରେ । ଆମ ନିମନ୍ତେ କ୍ରୁଶ ଉପରେ ତାଙ୍କର ବିଜୟକୁ ଆମକୁ ସ୍ମରଣ କରିବାକୁ ଓ ବିଶ୍ୱାସ ଦ୍ୱାରା ଏହାକୁ ଜାବୁଡ଼ି ଧରିବାକୁ ହେବ । କେବଳ ସେ ତାଙ୍କ ଆତ୍ମାଙ୍କ ଦ୍ୱାରା ବିଜୟୀ ହେବା ପାଇଁ ଆମକୁ ସାମର୍ଥ୍ୟ ଦେଇଛନ୍ତି ।

**ଯୀଶୁ ଖ୍ରୀଷ୍ଟ କହିଥିଲେ, ‘‘ମୁଁ ପିତାଙ୍କ ନିକଟକୁ ଯାଉଅଛି, ମାତ୍ର ମୁଁ ତୁମ୍ଭମାନଙ୍କୁ ଅନାଥ କରି ଯିବି ନାହିଁ ।’’**

ଯୀଶୁ ଖ୍ରୀଷ୍ଟ ନିଜ ଶିଷ୍ୟମାନଙ୍କୁ କହିଥିଲେ, **‘‘...ବର୍ତ୍ତମାନ ମୁଁ ମୋହର ପ୍ରେରଣକର୍ତ୍ତାଙ୍କ ନିକଟକୁ ପ୍ରୟାଣ କରୁଅଛି’’** (ଯୋହନ ୧୬:୫) ।

**"ମୁଁ ତୁମ୍ଭମାନଙ୍କୁ ଅନାଥ କରି ଛାଡ଼ି ଯିବି ନାହିଁ..."** (ଯୋହନ ୧୪:୧୮) । ଏଠାରେ "ଅନାଥ" ପାଇଁ ବ୍ୟବହୃତ ଗ୍ରୀକ୍ ଶବ୍ଦର ଅର୍ଥ ହେଉଛି, "ପରିତ୍ୟକ୍ତ, ପିତୃହୀନ ।"

ଶିଷ୍ୟମାନେ ପରେ ଯେପରି ଅନୁଭବ କରିଥିଲେ, ଆପଣ ମଧ ବେଳେ ବେଳେ ସେହିପରି ନିଃସଙ୍ଗ ଅନୁଭବ କରିଥିବେ ଓ ଭାବୁଥିବେ ଯେ ଈଶ୍ୱର ଆପଣଙ୍କ ନିମନ୍ତେ ଆଉ କାର୍ଯ୍ୟ କରୁ ନାହାନ୍ତି । ଆପଣ ତାଙ୍କ ଯତ୍ନର କୌଣସି ପ୍ରମାଣ ଦେଖୁ ନାହାନ୍ତି ପୁଣି, ଈଶ୍ୱରଙ୍କ ଆତ୍ମା କିଛି ସମୟ ପାଇଁ ଆପଣଙ୍କୁ ପରିତ୍ୟାଗ କରିଅଛନ୍ତି ବୋଲି ଶୟତାନ ଆପଣଙ୍କ ନିକଟରେ ମିଥ୍ୟା କହେ । ସେ ଏହା ମଧ କହେ ଯେ ସେ ଆପଣଙ୍କ ବୃଦ୍ଧାବସ୍ଥାରେ ମଧ ଆପଣଙ୍କୁ ପରିତ୍ୟାଗ କରିବେ ।

ମାତ୍ର ଏପରି ଗୋଟିଏ ଅବିଶ୍ୱସନୀୟ ଆଶ୍ଚର୍ଯ୍ୟ କର୍ମ ଅଛି ଯାହାକୁ ଆପଣ ଭୁଲି ପାରିବେ ନାହିଁ । ଏହା ଯୀଶୁ ଖ୍ରୀଷ୍ଟଙ୍କର ସମସ୍ତ ଅନୁଗାମୀମାନଙ୍କ ପ୍ରତି ତାଙ୍କର ପ୍ରତିଜ୍ଞା : "ମୁଁ ତୁମ୍ଭମାନଙ୍କୁ ଅନାଥ କରି ଛାଡ଼ି ଯିବି ନାହିଁ । ମୁଁ ତୁମ୍ଭମାନଙ୍କ ନିମନ୍ତେ ଏକ ମୂଲ୍ୟ ପରିଶୋଧ କରିଅଛି । ତୁମ୍ଭେମାନେ ମୋ' ନିଜର ଅଟ ।"

ଆପଣ ଯେଉଁ ପରିସ୍ଥିତି ମଧ ଦେଇ ଗତି କରୁଥିଲେ ସୁଦ୍ଧା ଆପଣଙ୍କ ସ୍ୱର୍ଗୀୟ ପିତା ଆପଣଙ୍କ ବିଷୟରେ ଚିନ୍ତା କରିବା ପରିତ୍ୟାଗ କରି ନାହାନ୍ତି ଓ ସେ ଆଦୌ ସେପରି କରିବେ ନାହିଁ । ତାଙ୍କର ଅନନ୍ତକାଳୀନ, ଅଖଣ୍ଡନୀୟ ପ୍ରତିଜ୍ଞାକୁ ଶୁଣନ୍ତୁ :

**"...ସିୟୋନ କହିଲା, ସଦାପ୍ରଭୁ ମୋତେ ତ୍ୟାଗ କରିଅଛନ୍ତି, ପ୍ରଭୁ ମୋତେ ପାସୋରି ଅଛନ୍ତି । ସ୍ତ୍ରୀ ଲୋକ ଆପଣା ଗର୍ଭଜାତ ପୁତ୍ରକୁ ସ୍ନେହ ନ କରି କି ଆପଣା ସ୍ତନ୍ୟପାୟୀ ଶିଶୁକୁ ପାସୋରି ପାରିବ ? ହଁ, ଏମାନେ ପାସୋରି ପାରନ୍ତି । ତଥାପି ଆମ୍ଭେ ତୁମ୍ଭକୁ ପାସୋରିବା ନାହିଁ, ଦେଖ, ଆମ୍ଭେ ଆପଣା ହସ୍ତଦ୍ୱୟର ପାପୁଲିରେ ତୁମ୍ଭର ଆକୃତି ଲେଖିଅଛୁ, ତୁମ୍ଭର ପ୍ରାଚୀର ସର୍ବଦା ଆମ୍ଭ ସମ୍ମୁଖରେ ଅଛି"** (ଯିଶାଇୟ ୪୯:୧୪-୧୬) ।

ଏହି ଅନୁଚ୍ଛେଦ ଆମକୁ କହିଛି, "ସୁରକ୍ଷା ପାଇଁ ତୁମ୍ଭମାନଙ୍କର ଆବଶ୍ୟକତା ସର୍ବଦା ମୋ' ଚକ୍ଷୁ ସମ୍ମୁଖରେ ଅଛି । ଏପରି ଗୋଟିଏ ମୁହୂର୍ତ୍ତ ନାହିଁ ଯେତେବେଳେ ମୁଁ ତୁମ୍ଭମାନଙ୍କ ଚତୁର୍ଦ୍ଦିଗରେ ମୋର ଅଲୌକିକ ପ୍ରାଚୀର ରଖିବା ବିଷୟରେ ଯତ୍ନଶୀଳ ହୋଇ ନାହିଁ । ମୋର ସୁରକ୍ଷାତ୍ମକ ବାଡ଼ ସର୍ବଦା ରହିଅଛି ।"

ମୁଁ ଏପରି କେତେକ ମା' – ଏପରିକି ପାଳକ ମାନଙ୍କର ପତ୍ନୀମାନଙ୍କୁ ଜାଣିଛି, ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ପରିତ୍ୟାଗ କରିଛନ୍ତି । କିଛି ସପ୍ତାହ ପୂର୍ବେ, ଜଣେ ପାଳକ ଆମ ନିକଟକୁ ଲେଖିଥିଲେ : "ମୁଁ ପାଞ୍ଚ ବର୍ଷ ଧରି ବିବାହିତ ଅଛି, ମାତ୍ର ମୋର ସ୍ତ୍ରୀ ଏବେ ଏବେ ଇଣ୍ଟରନେଟ ମାଧ୍ୟମରେ ସାକ୍ଷାତ୍ କରିଥିବା ଜଣେ ପୁରୁଷ ପାଇଁ ମୋତେ ପରିତ୍ୟାଗ କରିଛନ୍ତି । ସେ ଆମର ପିଲାମାନଙ୍କୁ ଓ ମୋତେ ଛାଡ଼ି ଚାଲିଯାଇଛନ୍ତି । ମୁଁ ତାଙ୍କୁ ଏପର୍ଯ୍ୟନ୍ତ ପ୍ରେମ କରେ ଓ ସେ ଗୃହକୁ ଫେରି ଆସନ୍ତୁ ବୋଲି ମୁଁ ଇଚ୍ଛା କରେ, ମାତ୍ର ସେ ଆସିବେ ନାହିଁ । ମୁଁ ଏତେ ଗଭୀରଭାବେ ଆଘାତ ପାଇଛି ଯେ ମୁଁ ରାତିରେ ଶୋଇ ପାରୁ ନାହିଁ । ମୁଁ କିପରି ଏହା ମଧ ଦେଇ ଗତି କରିବି, ତାହା ଜାଣେ ନାହିଁ ।"

ଈଶ୍ୱର ଏହି ବ୍ୟକ୍ତିଙ୍କୁ ଉତ୍ତର ଦେଇଛନ୍ତି : "ଯଦିଓ ତୁମ୍ଭର ପ୍ରିୟ ସ୍ତ୍ରୀ ତୁମ୍ଭକୁ ପରିତ୍ୟାଗ କରିପାରନ୍ତି ତଥାପି ଆମ୍ଭେ ଆଦୌ ପରିତ୍ୟାଗ କରିବା ନାହିଁ । ତୁମ୍ଭ ଚତୁର୍ଦ୍ଦିଗରେ ସର୍ବଦା ଆମ୍ଭର ପ୍ରାଚୀର ରହିବ ।"

ଆମ୍ଭର ସେବାକାର୍ଯ୍ୟ ଏପରି ସ୍ତ୍ରୀମାନଙ୍କଠାରୁ ଅନେକ ପତ୍ର ପ୍ରାପ୍ତ ହେଉଅଛି ଯେଉଁମାନେ ବର୍ଷ ବର୍ଷ ଧରି ମଦ୍ୟପ ସ୍ୱାମୀମାନଙ୍କ ସହିତ ବାସ କରିଛନ୍ତି । ମୁଁ ପଚାରେ, "ପ୍ରଭୋ, ଏହି ବିଶ୍ୱସ୍ତ ସ୍ତ୍ରୀମାନେ କାହିଁକି କୌଣସି ଆଶାର ଚିହ୍ନ ବିନା ଏତେ ଦୀର୍ଘଦିନ ଧରି ଦୁଃଖଭୋଗ କରୁଛନ୍ତି ?" ମୋର ସ୍ତ୍ରୀଙ୍କୁ କାହିଁକି ଏତେ ଅଧିକ ଶାରୀରିକ ଦୁଃଖ ମଧ ଦେଇ ଗତି କରିବାକୁ ପଡ଼ିଅଛି ? ତାଙ୍କର ୨୮ଟି ଅସ୍ତ୍ରୋପଚାର ହୋଇଛି ଓ ସେଥିମଧ୍ୟରୁ ଛ'ଟି କର୍କଟ ଜନିତ ଅସ୍ତ୍ରୋପଚାର ଥିଲା । ସେ ୪୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ଭୟଙ୍କର ଯନ୍ତ୍ରଣା ଭୋଗ କରିଥିଲେ । କୌଣସି ସେବକ କିମ୍ୱା ଧର୍ମତତ୍ତ୍ୱବିତ୍ ମୋତେ ଏହା ବୁଝାଇବା ପାଇଁ ଅସମର୍ଥ ହୋଇଛନ୍ତି ଯେ ସେ କାହିଁକି ଏହିପରି ଭାବରେ ଦୁଃଖଭୋଗ କରି ଚାଲିଛନ୍ତି ।"

ମାତ୍ର ଆମେ ଯେ କୌଣସି ପରିସ୍ଥିତି ମଧ ଦେଇ ଗତି କଲେ, କିମ୍ୱା ଯେତେ ଦିନ ଧରି ଏହା ସହ୍ୟ କଲେ ସୁଦ୍ଧା, ଏହା ଗୁରୁତ୍ୱହୀନ ଅଟେ । ସର୍ବୋପରି ଗୋଟିଏ ବିଷୟ ସତ୍ୟ ଅଟେ ।

**ସମସ୍ତ ବିଷୟରେ ଆମକୁ ଧରି ରଖିବା ପାଇଁ ଈଶ୍ୱରଙ୍କ ଅନୁଗ୍ରହ ଯଥେଷ୍ଟ ଅଟେ ।**

ପ୍ରେରିତ ପାଉଲ ଈଶ୍ୱରଙ୍କ ନିକଟରେ କ୍ରନ୍ଦନ କରିଥିଲେ, "ପ୍ରଭୋ, ଦୟାକରି ମୋତେ ମୋର ଶରୀରରେ ଥିବା କଣ୍ଟକରୁ ଉଦ୍ଧାର କର ।" ମାତ୍ର ପ୍ରଭୁ ତାଙ୍କୁ ଉତ୍ତର ଦେଇଥିଲେ : **"... ମୋହର ଅନୁଗ୍ରହ ତୁମ୍ଭ ନିମନ୍ତେ ଯଥେଷ୍ଟ..."** (୨ କରିନ୍ଥୀୟ ୧୨:୯) । ଈଶ୍ୱର ତାଙ୍କ ଦାସଙ୍କୁ କହିଥିଲେ, "ପାଉଲ, ତୁମ୍ଭକୁ ଏହି କଣ୍ଟକ ସହିତ ବଞ୍ଚିବାକୁ ହେବ । ମାତ୍ର ତୁମ୍ଭର ଯନ୍ତ୍ରଣା ମଧରେ, ମୁଁ ତୁମ୍ଭକୁ ତୁମ୍ଭର ସମସ୍ତ ଆବଶ୍ୟକୀୟ ଅନୁଗ୍ରହ ପ୍ରଦାନ କରିବି । ମୋ' ନିକଟରେ ତୁମ୍ଭ ନିମନ୍ତେ ଅଶେଷ ଯୋଗାଣ ରହିଅଛି ।"

ଆମ ପରିବେଶ ପ୍ରତି ପ୍ରଭୁ ଆଣି ପାରୁଥିବା ଯେ କୌଣସି ଉଦ୍ଧାର ଅପେକ୍ଷା ତାଙ୍କ ଅନୁଗ୍ରହ ଯଥେଷ୍ଟ – ଏହା ଆମେ ଜାଣୁ ବୋଲି ସେ ଇଚ୍ଛା କରନ୍ତି । କାହିଁକି ? ସେ କିଏ ଅଟନ୍ତି, ଏହି ପରିପ୍ରକାଶ ତାଙ୍କ ଅନୁଗ୍ରହରେ ରହିଅଛି । ସରଳ ଭାଷାରେ, ଈଶ୍ୱରଙ୍କ ଅନୁଗ୍ରହକୁ ଯୀଶୁ ଖ୍ରୀଷ୍ଟ ସମସ୍ତ ପବିତ୍ରତାରେ, ଅଥଚ କୋମଳ ଓ ଦୟାପୂର୍ଣ୍ଣ ହୃଦୟ ସହିତ ସଂପୂର୍ଣ୍ଣଭାବେ ପ୍ରକାଶ କରିଥିଲେ ।

ଆମର ସ୍ୱର୍ଗୀୟ ପିତା ଆମର ପ୍ରତ୍ୟେକଟି ଦୁଃଖ ଦେଖନ୍ତି ଓ ସେ ଆମ ନିକଟରେ ଏହିସବୁ ଚମତ୍କାର ପ୍ରତିଜ୍ଞା କରିଛନ୍ତି :

**"... ସଦାପ୍ରଭୁଙ୍କଠାରୁ ଧାର୍ମିକ ଲୋକର ପରିତ୍ରାଣ ହୁଏ, ସେ ସଙ୍କଟ ସମୟରେ ସେମାନଙ୍କର ଦୃଢ଼ ଗଡ଼ ଅଟନ୍ତି"** (ଗୀତ ୩୭:୩୯) ।

**"... ସେ ନିଜେ କହିଅଛନ୍ତି, ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ । ଅତଏବ ଆମ୍ଭେମାନେ ସାହସପୂର୍ବକ କହି ପାରୁ, ପ୍ରଭୁ ମୋହର ସହାୟ, ମୁଁ ଭୟ କରିବି ନାହିଁ, ମନୁଷ୍ୟ ମୋହର କଅଣ କରିବ ?"** (ଏବ୍ରୀ ୧୩:୫-୬) ।

**"ତୁମ୍ଭେ ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭ ସଙ୍ଗରେ ଅଛୁ, ନିରାଶ ହୁଅ ନାହିଁ, କାରଣ ଆମ୍ଭେ ତୁମ୍ଭର ପରମେଶ୍ୱର, ଆମ୍ଭେ ତୁମ୍ଭକୁ ସବଳ କରିବା, ହଁ, ଆମ୍ଭେ ତୁମ୍ଭର ସାହାଯ୍ୟ କରିବା, ହଁ ଆମ୍ଭେ ଆପଣା ଧର୍ମସ୍ୱରୂପ ଦକ୍ଷିଣ ହସ୍ତରେ ତୁମ୍ଭକୁ ଧରି ରଖିବା ।"**

**"ଦେଖ, ଯେଉଁମାନେ ତୁମ୍ଭ ପ୍ରତି କୁପିତ ଅଟନ୍ତି, ସେ ସମସ୍ତେ ଲଜ୍ଜିତ ଓ ଘାବରା ହେବେ, ଯେଉଁମାନେ ତୁମ୍ଭ ସଙ୍ଗେ ବିରୋଧ କରନ୍ତି, ସେମାନେ ଅବସ୍ତୁ ତୁଲ୍ୟ ହୋଇ ବିନଷ୍ଟ ହେବେ । ଯେଉଁମାନେ ତୁମ୍ଭ ସଙ୍ଗେ ବିରୋଧ କରନ୍ତି, ତୁମ୍ଭେ ସେମାନଙ୍କୁ ଅନ୍ୱେଷଣ କରିବ, ମାତ୍ର ସେମାନଙ୍କର ଉଦ୍ଦେଶ୍ୟ ପାଇବ ନାହିଁ, ଯେଉଁମାନେ ତୁମ୍ଭ ସଙ୍ଗେ ଯୁଦ୍ଧ କରନ୍ତି, ସେମାନେ ଅବସ୍ତୁ ତୁଲ୍ୟ ଓ ଅକିଞ୍ଚନ ହେବେ ।"**

**"କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭର ପରମେଶ୍ୱର, ତୁମ୍ଭ ଦକ୍ଷିଣ ହସ୍ତ ଧରି ତୁମ୍ଭକୁ କହିବା, ଭୟ କର ନାହିଁ, ଆମ୍ଭେ ତୁମ୍ଭର ସାହାଯ୍ୟ କରିବା । ... ଦରିଦ୍ର ଓ ଦୀନହୀନମାନେ ଜଳ ଅନ୍ୱେଷଣ କରନ୍ତି, ମାତ୍ର ଜଳ ନାହିଁ, ତହିଁରେ ସେମାନଙ୍କ ଜିହ୍ୱା ତୃଷାରେ ଶୁଷ୍କ ହୁଏ, ଆମ୍ଭେ ସଦାପ୍ରଭୁ ସେମାନଙ୍କୁ ଉତ୍ତର ଦେବା, ଆମ୍ଭେ ଇସ୍ରାଏଲର ପରମେଶ୍ୱର ସେମାନଙ୍କୁ ତ୍ୟାଗ କରିବା ନାହିଁ"** (ଯିଶାଇୟ ୪୧:୧୦-୧୩, ୧୭) ।

ଆପଣ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ ଦ୍ୱାରା ଯେ କୌଣସି ପରିସ୍ଥିତି, ସମସ୍ୟା କିମ୍ୱା ବିପର୍ଯ୍ୟୟ ମଧ ଦେଇ ଗତି କରିପାରିବେ । ଆପଣଙ୍କ ମାର୍ଗ ମଧକୁ ଯାହା ଆସିଲେ ସୁଦ୍ଧା, ତାଙ୍କ ଅନୁଗ୍ରହ ଆମ ପାଇଁ ଯଥେଷ୍ଟରୁ ଅଧିକ ଅଟେ ଓ ପବିତ୍ର ଆତ୍ମା ଆପଣଙ୍କ ନିମନ୍ତେ ସାନ୍ତ୍ୱନା ଅଟନ୍ତି ।

**"ଅତଏବ, ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନତ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ"** (୧ ପିତର ୫:୬) ।

**"ଅତଏବ ତୁମ୍ଭମାନଙ୍କ ସାହସ ପରିତ୍ୟାଗ କର ନାହିଁ, ସେଥିରୁ ମହାପୁରସ୍କାର ଅଛି"** (ଏବ୍ରୀ ୧୦:୩୫) ।

★★★

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

***1. Bank : State Bank of India***

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

***2. Bank : ICICI Bank***

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

***3. Bank : State Bank of India***

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ୱା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ୱା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ୱର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 18th SEPTEMBER 2023.
If un-delivered please return to:
**ECHO OF HIS CALL (ODIA)**
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**